**ସଂକ୍ଷେପରେ**

## ବ୍ଲକସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ମକଡ୍ରିଲ୍

**ଉଦଳା,୧୯।୬(ଡି.ଏନ.ଏ):** ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ନେଇ ସଚେତନତା ଉଦ୍ଦେଶ୍ୟରେ ବୁଧବାର ବ୍ଲକ ସମ୍ମିଳନୀ କକ୍ଷରେ ମକଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା କାରମୀ ମୁର୍ମୁ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଉଦଳା ବ୍ଲକର ଜିପିଇଓ ବିଦ୍ୟାଭାରତୀ ନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ରିସୋର୍ସ ପର୍ସନ ଭାବେ ଉଦଳା ଅଗ୍ନିଶମ ଅଧିକାରୀ ଅଜିତ କୁମାର ରାଉତ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଆଇସିଡିଏସ୍ ସୁପରଭାଇଜର ସରୋଜିନୀ ଦାସ, ପୋଲିସ୍ ଏଏସଆଇ ଶଶିଭୂଷଣ ପରିଡା, ବ୍ଲକ ଉପାଧ୍ୟକ୍ଷ ପରେଶ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ହୋଇ ବନ୍ୟା, ବାତ୍ୟା, ଭୂକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଦିଗରେ ଆଲୋଚନା କରିଥିଲେ। ସଂପୃକ୍ତ ବିଭାଗୀୟ କର୍ମଚାରୀ, ଜନ ପ୍ରତିନିଧି, ଅଙ୍ଗନୱାଡି ଓ ଆଶାକର୍ମୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଏହି ବୈଠକରେ ଉପସ୍ଥିତ ଥିଲେ।

### ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ସାମୂହିକ ଅଭ୍ୟାସ

# '୮୭୯ ବାତ୍ୟା ଆଶ୍ରୟସ୍ଥଳୀକୁ ଦିଆଯିବ ଜେନେରେଟର'

**ବାରିପଦା ଅଫିସ,୧୯।୬**

ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ମଧୁବନ ବାରୁଣୀରୋଡର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ବୁଧବାର ଜିଲାସ୍ତରୀୟ ସାମୂହିକ ଅଭ୍ୟାସ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ, ବାରିପଦା ପୌରପରିଷଦ, ଦାସୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ

**ଆଡିବନ୍ଧ ନିର୍ମାଣ ପାଇଁ ସିନିୟର ସିଟିଜେନ କମିଟି ଦାବି କଲେ**

ବାରୁଣୀରୋଡ ସ୍ଥିତ ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣା ସମିତିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ବିନିତ ଭରଦ୍ୱାଜ, ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଳ,


ସିନିୟର ସିଟିଜେନ କମିଟିର କର୍ମକର୍ତ୍ତା ଆଡିବନ୍ଧ ନିର୍ମାଣ ପାଇଁ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ ଜଣାଉଛନ୍ତି।

ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଦାସ, ଜିଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି, ପୂର୍ବତନ କାଉନସିଲର ସୀମା ଦାସ, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ପୂର୍ବତନ ବିଧାୟକ ଭାଦବ ହାଁସଦା, ପୂର୍ବତନ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଓଡ଼ିଶା ସମୟକ୍ରମେ ଅନେକ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି ଏବଂ ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ବହୁ ପଦକ୍ଷେପ ନେଉଛନ୍ତି। ପ୍ରତ୍ୟେକ ବର୍ଷ ଭଳି ବନ୍ୟା ନିୟନ୍ତ୍ରଣ ସ୍ଥିତିର ସଠିକ ମୁକାବିଲା କରିବା ପାଇଁ ଏହି ମକଡ୍ରିଲ ଆୟୋଜନ କରାଯାଉଛି ବୋଲି ରାଜସ୍ୱ ମନ୍ତ୍ରୀ କହିଥିଲେ। ଏହା ସହିତ ରାଜ୍ୟରେ ଥିବା ୮୭୯ଟି ବିତ୍ୟା ଆଶ୍ରୟସ୍ଥଳୀରେ ସ୍ଥାୟୀ ଭାବେ ଜେନେରେଟର, ରାସ୍ତା ଓ ପାନୀୟଜଳ ବ୍ୟବସ୍ଥା କରାଯିବା ନେଇ ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିବା ଜଣାଇଥିଲେ। ମଧୁବନ ଉନ୍ନୟନ ପରିଷଦ ଉପସଭାପତି ରଘୁନାଥ ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ବିକ୍ରମ କେଶରୀ ଜେନା ଓ ସ୍ୱେଚ୍ଛାସେବୀ ଚନ୍ଦନ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଭା କାର୍ଯ୍ୟକ୍ରମ ସରିବା ପରେ ସିନିୟର ସିଟିଜେନ କମିଟିର କର୍ମକର୍ତ୍ତା ରାଜସ୍ୱ ମନ୍ତ୍ରୀଙ୍କୁ ବୁଢାବଳଙ୍ଗ ନଦୀରେ ଆଡିବନ୍ଧ ନିର୍ମାଣ ନେଇ ସରକାର କ'ଣ ପଦକ୍ଷେପ ନେଇଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଆଗକୁ ବର୍ଷା ଦିନ ଥିବାରୁ ବନ୍ୟା ଜଳ ସହର ମଧ୍ୟକୁ ପ୍ରବେଶ କରିବା ସମ୍ଭାବନା ରହିଛି। କାରଣ ପ୍ରତି ବନ୍ୟା ବେଳେ ନଦୀ କୂଳ ଲଂଘୁଛି। ପୂର୍ବରୁ ଆଡିବନ୍ଧ ନିର୍ମାଣ ଲାଗି ରାଜ୍ୟ ସରକାରେ ପ୍ରତିଶ୍ରୁତି ଦେଇ ଥିବା ବେଳେ ପ୍ରତିଶ୍ରୁତି ଶୀଘ୍ର କାର୍ଯ୍ୟକାରୀ କରିବାକୁ ସେମାନେ ମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ। ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ କିପରି ଉଦ୍ଧାର କରାଯାଇ ପାରିବ ସେଥି ନେଇ ଓଡ୍ରାଫ ଟିମ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ।

## ଦେଉଳିଆରେ ଧରାବାଗୁଡ଼ି ପ୍ରତିଯୋଗିତା

**ବଡ଼ସାହି, ୧୯।୬ (ସ୍ୱ.ପ୍ର):** ରଜପର୍ବ ଉପଲକ୍ଷେ ୭୩ତମ କୌଶଲ୍ୟା ମେମୋରିଆଲ ଧରାବାଗୁଡି ପ୍ରତିଯୋଗିତା ବଡ଼ସାହି ବ୍ଲକ ଅଧୀନ ଦେଉଳିଆ ଗ୍ରାମରେ ରବିବାର ଅନୁଷ୍ଠିତ ହୋଇଯାଇଛି। ତିନିଦିନ ବ୍ୟାପି ଅନୁଷ୍ଠିତ ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ କେପିଏସ୍ ଦଳ ଓ ସୁହାଗପୁର ଦଳ ମଧ୍ୟରେ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଖେଳରେ କେପିଏସ୍ ଦଳ ବିଜୟୀ ହୋଇ ଚଳିତ ବର୍ଷ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଦେଉଳିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଜୟ ମହାଳିକ, ପୂର୍ବତନ ସମିତିସଭ୍ୟ ରାଧାଗୋବିନ୍ଦ ଦେହୁରୀ ପ୍ରମୁଖ ଯୋଗଦେଇ ବିଜୟୀ ଓ ରନର୍ସ ଅପ୍ ଦଳକୁ ପୁରସ୍କାର ରାଶି ପ୍ରଦାନ କରିଥିଲେ। ନିରାକାର ସଦୁଆଳ ଓ ଅସିତ୍ ରଞ୍ଜନ ସଦୁଆଳ ଖେଳ ପରିଚାଳନା କରିଥିଲେ। କମିଟିର ସଞ୍ଜିତ ବେହେରା, ଦିଲ୍ଲୀପ ସିଂ, ମନୋରଞ୍ଜନ ଲେଙ୍କା, ଆଦିତ୍ୟ ବେହେରା, ଅନଙ୍ଗ ସଦୁଆଳ, ଅଜୟ ମଲିକ, ରବୀନ୍ଦ୍ର ଗଜେନ୍ଦ୍ର ମହାପାତ୍ର ଓ ଗଣେଶ୍ୱର ମହାପାତ୍ରଙ୍କ ସମେତ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଉଦଳା ରଥଯାତ୍ରା ପ୍ରସ୍ତୁତି ବୈଠକ


ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ଉଦଳା, ୧୯।୬ (ଡି.ଏନ.ଏ):** ଉଦଳାଠାରେ ଅନୁଷ୍ଠିତ ହେବାକୁ ଥିବା ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାରେ ଶେଷ କରିବା ଲାଗି ଉଦଳା ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଭଗବାନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ରଥ କମିଟିର ସଭାପତି ତଥା ଉଦଳା ବିଧାୟକ ଭାସ୍କର ମଢେଇ, ଅତିଥି ଭାବେ ଉପଖଣ୍ଡ ପୋଲିସ୍ ଅଧିକାରୀ ସ୍ୱପ୍ନରଞ୍ଜନ ମହାପାତ୍ର, ଉଦଳା ତହସିଲଦାର ମନିଷା ମଧୁଲିକା ହେମ୍ବ୍ରମ୍, ସହକାରୀ ଜିଲାପାଳ ଗୌରହରି ମହାନ୍ତ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଉଦଳା ଥାନାଧିକାରୀ ସନାତନ ସାହୁ, କମିଟିର ଆଇନ ଉପଦେଷ୍ଟା ଆଇନଜୀବୀ ବସନ୍ତ କୁମାର ପରିଡା ପ୍ରମୁଖ ମଞ୍ଚାସୀନ ଥିଲେ। ମନ୍ଦିର ତଥା ରଥ କମିଟିର ସମ୍ପାଦକ ଲକ୍ଷ୍ମଣ କୁମାର ନାୟକ ଗତବର୍ଷର ଆୟବ୍ୟୟ ହିସାବ ଉପସ୍ଥାପନ କରିବା ସହିତ ଚଳିତ ବର୍ଷର ଅଟ୍ଟକଳ ନେଇ ଆଲୋଚନା କରିଥିଲେ। ବୈଠକରେ କମିଟିର ସମସ୍ତ ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି, ବରିଷ୍ଠ ନାଗରିକ, ସଂପୃକ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦଳା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରତନ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ।

## ଏଣିକି ମୋବାଇଲ୍‌ରେ ବଜ୍ରପାତ ସୂଚନା

**ବାରିପଦା ଅଫିସ,୧୯।୬:** ବଜ୍ରପାତ ଯୋଗୁ ପ୍ରତିବର୍ଷ ବହୁ ଧନଜୀବନ ନଷ୍ଟ ହେଉଛି। କୋଟି କୋଟି ଟଙ୍କାର ଧନ ସମ୍ପତ୍ତି ମଧ୍ୟ କ୍ଷତିଗ୍ରସ୍ତ ହେଉଛି। ରାଜ୍ୟ ସରକାର ସ୍ୱତନ୍ତ୍ର ରିଲିଫ ପାଣ୍ଠିରୁ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବା ବ୍ୟବସ୍ଥା କରିଛନ୍ତି। କିନ୍ତୁ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲାରେ ଅନ୍ଧବିଶ୍ୱାସ ଲାଗି ରହିଥିବାରୁ ବଜ୍ରପାତ ହେଲା ପରେ ଡାକ୍ତରଖାନା ପରିବର୍ତ୍ତେ ଲୋକେ ଗୁଣିଆ ପାଖକୁ ଯାଉଛନ୍ତି। ଏଥି ଯୋଗୁ ବଜ୍ରପାତରେ ଜୀବନହାନି ସଂଖ୍ୟା ଜିଲାରେ ବୃଦ୍ଧି ପାଉଛି। ଜିଲା ଜରୁରୀ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ ୨୦୧୫ ଏପ୍ରିଲରୁ ୨୦୧୯ ମେ ସୁଦ୍ଧା ମୟୂରଭଞ୍ଜ ଜିଲାରେ ବଜ୍ରପାତ ଯୋଗୁ ୧୫୨ ଜୀବନ ଗଲାଣି। ବିଶେଷ କରି ଜୁଲାଇ ମାସରେ ଏହି ବଜ୍ରପାତ ଦ୍ୱାରା ଲୋକଙ୍କ ଜୀବନ ହାନି ହେଉଥିବା ଜଣାପଡୁଛି। ତେବେ ବଜ୍ରପାତରେ ଜୀବନହାନି କମ କରିବା ପାଇଁ ବଜ୍ରପାତ ହେବା ପୂର୍ବରୁ ଲୋକଙ୍କୁ ସୂଚନା ଦେବାକୁ ଜିଲା ପ୍ରଶାସନ ପଦକ୍ଷେପ ନେଇଥିବା ଜିଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି ସୂଚନା ଦେଇଛନ୍ତି। ଓଡିଶା ଷ୍ଟେଟ ଡିଜାଷ୍ଟର ମିଟିଗେସନ ଅଥରିଟିଙ୍କ ସହଯୋଗରେ ପରୀକ୍ଷାମୂଳକ ତଥା ପାଇଲଟ ପ୍ରୋଜେକ୍ଟ ଭାବେ ଠାକୁରମୁଣ୍ଡା ଓ ଶୁଳିଆପଦାରେ ବଜ୍ରପାତ ପୂର୍ବ ସୂଚନା କେନ୍ଦ୍ର ସ୍ଥାପନ କରାଯିବ। ଏହା ଦ୍ୱାରା ବଜ୍ରପାତ ହେବା ପୂର୍ବରୁ ଉପରୋକ୍ତ କେନ୍ଦ୍ରରେ ସାଇରନ ବାଜିବ। ଫଳରେ ଲୋକେ ଘର ବାହାରେ ଥିଲେ ତୁରନ୍ତ ଘରକୁ ଫେରିଆସିବେ। ଏହା ସହିତ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମୋବାଇଲକୁ ବଜ୍ରପାତ ସମ୍ପର୍କରେ ପୂର୍ବରୁ ସୂଚନା ଆସିବ।

**ଠାକୁରମୁଣ୍ଡା ଓ ଶୂଳିଆପଦାରେ ହେବ ସୂଚନା କେନ୍ଦ୍ର**

## ଏ.ଆର. ଲୋରା ମହାପାତ୍ର ହେଲେ ରଜ କୁଇନ୍

**ବାରିପଦା ଅଫିସ,୧୯।୬**


କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ବାରିପଦା ସହର ଅମ୍ବିକା ମନ୍ଦିରସ୍ଥିତ ତିନିକୋଣିଆ ପାର୍କଠାରେ ଗତ ୧୩ ତାରିଖରୁ ଗୁରୁକୁଳ ଡ୍ୟାନ୍ସ ଏକାଡେମୀ ଆଣ୍ଡ ଭିଜୁଆଲ ଏକାଡେମୀ ପକ୍ଷରୁ ଅନୁଷ୍ଠିତ ରଜ ମଉଜ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ସେଣ୍ଟ ଜାଭିୟର ସ୍କୁଲର ଚତୁର୍ଥ ଶ୍ରେଣୀର ଛାତ୍ରୀ ଏ. ଆର. ଲୋରା ମହାପାତ୍ର ଚଳିତ ବର୍ଷ ପାଇଁ ରଜ କୁଇନ୍ ମୁକୁଟ ହାସଲ କରିଛନ୍ତି। ରନର୍ସଅପ ଭାବେ ସେଣ୍ଟ ଆନିସ କନଭେଣ୍ଟ ସ୍କୁଲର ତୃତୀୟ ଶ୍ରେଣୀ ଛାତ୍ରୀ ପିଆଲି ମହାନ୍ତି ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ସିନେ ନିର୍ଦ୍ଦେଶକ ଜିତୁ ରାଉତ, ଅଧିକାରର ରାଜ୍ୟ ସମ୍ପାଦକ ପ୍ରଣବ ବିଶ୍ୱାଳ, ସିନେ ତାରକା ବାବୁ ପ୍ରଧାନ, ମିଟୁନ ମହାପାତ୍ର, ସିନେ ଅଭିନେତା ସ୍ୱରାଜ ବାରିକ, ସୁଶ୍ରୀ ସୋନାଲି ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଥିଲେ। ଏହି ଅବସରରେ ସାମାଜିକ କର୍ମୀ ଜିତେନ୍ଦ୍ର ମହାନ୍ତିଙ୍କୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ସଙ୍ଗୀତ ନିର୍ଦ୍ଦେଶକ ଅଶୋକ ମୁଖାର୍ଜୀ, କଣ୍ଠ ଶିଳ୍ପୀ ଶାନ୍ତନୁ ସିଂ ଓ ଏସ.ଭଟାଚାର୍ଯ୍ୟ ଯୋଗ ଦେଇଥିଲେ। ଉତ୍ସବକୁ କୋରିଓଗ୍ରାଫର ତଥା ଆୟୋଜକ ଅନୁଷ୍ଠାନର ମୁଖ୍ୟ ଲିଟନ ପଟ୍ଟନାୟକ ପରିଚାଳନା କରିଥିଲେ।

# ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ


ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଉପସ୍ଥିତ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ଅନ୍ୟମାନେ।

**କପ୍ତିପଦା, ୧୯।୬ (ଡ଼ି.ଏନ୍.ଏ):** ଆମେମାନେ ଶିକ୍ଷିତ ହେଲେ ମଧ୍ୟ ଶିକ୍ଷାଭିମାନୀ ହେବା ଉଚିତ ନୁହେଁ। ଏହି ଆର୍ଯ୍ୟଭୂମି ତପୋଭୂମି ଭାରତ ବର୍ଷ ଅଗ୍ରଜ ମାନଙ୍କର ଜ୍ଞାନାଲୋକରେ ଯୁଗେ ଯୁଗେ ଉଦ୍ଭାସିତ ହୋଇଛି। ଆମେ ସେହି ଭୂମିରେ ଜନ୍ମଲାଭ କରି ଥିବାରୁ ନିଜକୁ ଧନ୍ୟ ମନେ କରୁଛୁ। ଜୀବନକୁ ମଧୁମୟ କରି ଗଢି ତୋଳିବା ପାଇଁ ଭାରତୀୟ ଆରଣ୍ୟକ ସଂସ୍କୃତି ଭିତରେ ବହୁ ବିଭବ ଭରି ରହିଛି। ସେହି ବିଭବର ସଦୁପଯୋଗ କରିବା ଆମମାନଙ୍କର ପରମ କର୍ତ୍ତବ୍ୟ ବୋଲି ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅନ୍ତର୍ଗତ ଜଡ଼ିଦା ଉ.ପ୍ରା.(ମ.ଇ.) ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉତ୍ସବ ପାଳନ ଅବସରରେ ଆୟୋଜିତ ସଭାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ର ସଭାପତିତ୍ୱ କରି କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବକ୍ଷେତ୍ର ଧର୍ମ ଜାଗରଣ ବିଭାଗ ପ୍ରମୁଖ ବିନୟ କୁମାର ଭୂୟାଁ, ସମ୍ମାନନୀୟ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ଯୋଗ ଦେଇଥିଲେ। ପୁରାତନ ଛାତ୍ର ସଂସଦର ସଭାପତି ଭାଗବତ ବେହେରା ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାଂଶୁ କୁମାର ମହାପାତ୍ର ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବହୁ ଉପାଦେୟ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରାକ୍ତନ ଆଦର୍ଶ ଶିକ୍ଷକ ଅନନ୍ତ କୁମାର ବାରିକ, କୃଷ୍ଣଚନ୍ଦ୍ର ମିଶ୍ର, ସନ୍ତୋଷ କୁମାର ପଟ୍ଟନାୟକ, ବିଶ୍ୱନାଥ ଖିଲାର, ଶ୍ୟାମସୁନ୍ଦର ପୁହାଣ, ପ୍ରାକ୍ତନ ପରିଚାଳନା କମିଟି ସଂପାଦକ ଉଚ୍ଛବ ଚରଣ ବିଶ୍ୱାଳ ଓ ପୁରାତନ ଛାତ୍ର ଭଗବାନ ପଣ୍ଡାଙ୍କୁ ଆଦିବାସୀ ବହୁଳ ଅଂଚଳରେ ଶିକ୍ଷାର ବିକାଶ ପାଇଁ ଏବଂ ଦୁଲାରି କିସ୍କୁଙ୍କୁ ସମାଜସେବା ପାଇଁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପ୍ରାରମ୍ଭରୁ ରାଜ୍ୟପାଳ ଗୋମାତାଙ୍କୁ ପୂଜା କରିବା ପରେ ଆଦିବାସୀ ନୃତ୍ୟର ତାଳେ ତାଳେ ତାଙ୍କୁ ଉତ୍ସବସ୍ଥଳୀ ନିକଟକୁ ପାଛୋଟି ନିଆଯାଇଥିଲା।

## ଖରାଛୁଟି ନିର୍ଦ୍ଦେଶକୁ ଉଲ୍ଲଂଘନ

**ବୈଶିଙ୍ଗା,୧୯।୬:** ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଖରାଛୁଟି ବଢାଇଥିବା ବେଳେ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଅଞ୍ଚଳରେ ଏହି ନିର୍ଦ୍ଦେଶକୁ ଉଲ୍ଲଂଘନ କରାଯାଇଥିବା ଦେଖିବାକୁ ମିଳିଛି। ବୈଶିଙ୍ଗା ଅଞ୍ଚଳରେ ଥିବା ଏକ ବେସରକାରୀ ସ୍କୁଲ ଗତ ଜୁନ ୧ ତାରିଖଠାରୁ ଖୋଲା ରହିଛି। ସରକାରୀ ନିର୍ଦ୍ଦେଶକୁ ହେୟଜ୍ଞାନ କରି ଏହି ସ୍କୁଲ ନିୟମିତ ଚାଲୁଥିବା ଦେଖିବାକୁ ମିଳୁଛି। ଏସମ୍ପର୍କରେ ସଂପୃକ୍ତ ସ୍କୁଲ କର୍ତ୍ତୃପକ୍ଷଙ୍କ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କର୍ତ୍ତୃପକ୍ଷ ଫୋନ କାଟିଦେବାରୁ ମତାମତ ମିଳି ପାରିନାହିଁ।

## ମରାମତି ନ ହେବାରୁ ପଡ଼ିରହିଲା ଆମ୍ବୁଲାନ୍ସ

**ବାରିପଦା ଅଫିସ,୧୯।୬:** ମୟୂରଭଞ୍ଜ ଜିଲାରେ ସ୍ୱାସ୍ଥ୍ୟ ସେବା ଅପହଞ୍ଚ ଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଥାଏ। ରୋଗୀଙ୍କୁ କାନ୍ଧରେ କିମ୍ବା ଖଟିଆରେ ବୋହି ଚିକିତ୍ସାଳୟକୁ ନେଇଯାଉଥିବାର ନଜିର ରହିଛି। ଅନ୍ୟପକ୍ଷରେ ଆମ୍ବୁଲାନ୍ସରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଉଥିବା ବେଳେ ଏହାକୁ ମରାମତି କରିବା ଦିଗରେ କର୍ତ୍ତୃପକ୍ଷ ତୁରନ୍ତ କୌଣସି ପଦକ୍ଷେପ ନେଉ ନ ଥିବା ଜଣାପଡିଛି। ରବିବାର ବିଳମ୍ବିତ ରାତିରେ ବଡସାହି ଚିକିତ୍ସାଳୟରେ ଥିବା ୧୦୮ ଆମ୍ବୁଲାନ୍ସ (ଓଡି-୦୨ଜି-୨୫୧୮) ଏକ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ନେଇ ବାରିପଦା ସ୍ଥିତ ପିଆରଏମ ମେଡିକାଲ କଲେଜକୁ ଆସିଥିଲା। ଫେରିବା ବାଟରେ ବାରିପଦା ପାଳବଣି ଗୋଲେଇର ବାଇପାସ ରୋଡରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିଲା। ତେବେ ସୋମବାର ରାତି ୧୨ ଟା ସୁଦ୍ଧା ଏହାକୁ ମରାମତି କରାଯାଇ ନ ଥିଲା। ଏଣୁ ରାସ୍ତା କଡରେ ଆମ୍ବୁଲାନ୍ସଟି ଅଟକି ରହିଥିଲା। ପରେ ମଙ୍ଗଳବାର ସକାଳେ ଅନ୍ୟ ଏକ ଗାଡିରେ ଆମ୍ବୁଲାନ୍ସକୁ ଟାଣି ଟାଣି ଗ୍ୟାରେଜକୁ ନିଆଯାଇଥିଲା। ଏହି ଆମ୍ବୁଲାନ୍ସରେ ଥିବା କର୍ମଚାରୀଙ୍କୁ ପଚାରିବାରୁ ରବିବାର ବିଳମ୍ବିତ ରାତିରୁ ଏଠାରେ ଅଛନ୍ତି ଏବଂ ଏହାର ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ସୂଚନା ଦିଆଯାଇଛି ସେ ଆସିଲେ ମରାମତି କରାଯିବ ବୋଲି କହିଥିଲେ। ଏ ସମ୍ପର୍କରେ ଏନଏଚଏମ୍‌ର ବଡସାହି ବ୍ଲକ ପ୍ରୋଗ୍ରାମ ମ୍ୟାନେଜର କମଳ ଲୋଚନ ରଣାଙ୍କୁ ପଚାରିବାରୁ ଏହି ୧୦୮ ଆମ୍ବୁଲାନ୍ସ ପରିଚାଳନା ଦାୟିତ୍ୱରେ ସ୍ୱତନ୍ତ୍ର ସଂସ୍ଥା କାର୍ଯ୍ୟ କରୁଛି। ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ଅଧୀନରେ ଏହା ନାହିଁ ବୋଲି ସେ କହିଥିଲେ।





F.M.AUTONOMOUS COLLEGE, BALASORE

**WALK-IN-INTERVIEW**

No......... Date...........

A walk-in interview for the engagement of guest faculties on temporary basis for a maximum of one academic session (9 months) will be conducted at 11.00 A.M on 26 & 27 June 2019 in the subjects of Anthropology, Botany, BBA (SFC), Computer Science, Chemistry, English, Education, Economics, Environment Science, Geology, Geography, Hindi, History, Mathematics, Odia, Physics, Psychology, Philosophy, Political Science, Sociology, Statistics, Sanskrit, Urdu & Zoology. For details visit College Website www.fmcollege.nic.in

Sd./-
Principal

**ମନେ ପଡ଼ନ୍ତି**

**୨୦ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଦେବ ଦାଶ**
୨୦୨୫ ମହତାବ ରୋଡ,
ପୁରୁଣା ଭୁବନେଶ୍ୱର-୨
ଆବିର୍ଭାବ: ୦୫।୦୯।୧୯୭୦
ତିରୋଧାନ: ୦୨।୦୭।୧୯୯୯
୨୦ ତମ ଶ୍ରାଦ୍ଧବାର୍ଷିକ ଦିବସ ଅବସରରେ ତୁମର ଅମ୍ଳାନ ଆତ୍ମା ବିଭୁପାଦତଳେ ଚିର ଶାନ୍ତି ଲାଭ କରୁ, ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବାବା ଲିଙ୍ଗରାଜଙ୍କ ନିକଟରେ ବିନୀତ ପ୍ରାର୍ଥନା।
**ଶୋକସନ୍ତପ୍ତ:**
ହତଭାଗା ଭାଇ, ଭାଇବୋହୂ, ମା', ଆତ୍ମୀୟ ସ୍ୱଜନ, ପରିବାର ଓ ବନ୍ଧୁବର୍ଗ।
ଧ-୧୩୦୩୮

**ଏକାଦଶାହ ଉପଲକ୍ଷେ**



**୰ ଦିବଂଗତ ଅବସରପ୍ରାପ୍ତ ଇଞ୍ଜିନିୟର ନବକିଶୋର ସାହୁ**
ମାଂସଡ଼ା (ବାଲିସାହି), ବିଞ୍ଝାରପୁର, ଯାଜପୁର
ଆବିର୍ଭାବ: 28.03.1933
ତିରୋଧାନ: 10.06.2019
ଯାହା ହାତଧରି ଚାଲିବା ଶିଖିଲୁ ସେ ଯେ ଦିନେ ପଞ୍ଚ ମହାଭୂତରେ ଲୀନ ହୋଇଯିବେ, ଏହା ସତ୍ୟ ଜାଣି ସୁଦ୍ଧା ବିଶ୍ୱାସ କରି ନ ଥିଲୁ। ହଠାତ୍ ତୁମ ଅନୁପସ୍ଥିତିକୁ ଆମେମାନେ ସହ୍ୟ କରିପାରୁନୁ। ତୁମ ଆଶୀର୍ବାଦର ଶକ୍ତିରେ ହିଁ ଆମେ ଅବଶିଷ୍ଟ ଜୀବନ କାଟିବୁ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ କୋଟି କୋଟି ପ୍ରଣାମ।
~: ଶୋକସନ୍ତପ୍ତ :~
ସ୍ତ୍ରୀ, ପୁଅଝିଅ-ବାବୁଲି, ବେବି, ଲିଲି, ଝୁନୁ, ବୁଲୁ, ବୋହୂ, ନାତିନାତୁଣୀ, ବନ୍ଧୁ ଏବଂ ପରିବାରବର୍ଗ।
ଧ-୧୩୦୪୨

**୧୨ତମ ଶ୍ରାଦ୍ଧବାର୍ଷିକ**



**୰ ବିମଳ ପ୍ରସାଦ ପଟ୍ଟନାୟକ**
ଆବିର୍ଭାବ : ୦୨.୦୬.୧୯୩୫
ତିରୋଧାନ : ୦୩.୦୭.୨୦୦୭
ଗ୍ରାମ- ଯାଆଁଳା, ଭୁବନେଶ୍ୱର
ସମୟ ସ୍ରୋତରେ ବାରବର୍ଷ ବିତିଗଲାଣି। ଆପଣଙ୍କର ବିୟୋଗ ଆମ ପାଇଁ ଅପୂରଣୀୟ କ୍ଷତି। ଆପଣଙ୍କର ସ୍ନେହ, ମମତା, ସାଧୁତା, କର୍ତ୍ତବ୍ୟନିଷ୍ଠା ଏବଂ ଆଧ୍ୟାତ୍ମିକ ଆଦର୍ଶର ଆଶୀର୍ବାଦ ଭିକ୍ଷା କରୁଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
*ଶୋକସନ୍ତପ୍ତ :* ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁବାନ୍ଧବ ଓ ପରିବାର ବର୍ଗ।
ଧ-୧୩୦୩୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ଖୁଲେଶ୍ୱର ସାହୁ**
ନି. କାନୁଟ,ବଲାଙ୍ଗୀର
ଆବିର୍ଭାବ: ୦୨।୦୯।୧୯୩୯
ତିରୋଧାନ: ୦୧।୦୭।୨୦୧୮
(ତିଥି: ଆଷାଢ଼ କୃଷ୍ଣ ତୃତୀୟା)
ତୁମର ଶରଧା ରହିଗଲା ଅଧା
ଛାଡ଼ି ଚାଲିଗଲ ବୋଲି
ପୁଅ, ବୋହୂ, ନାତି, ନାତୁଣୀ ଓ ପତ୍ନୀ
ଝୁରୁଛନ୍ତି ସଦା ଭାଳି
ସାହୁ ପରିବାର କରୁ ନମସ୍କାର
ଘେନ ଥାଇ ସ୍ୱର୍ଗ ଧାମ
ଆଶିଷ ଦିଅହେ ପରିବାର ଚାହେଁ
ଜୟ ହେଉ ସର୍ବକାମ।
**ଶୋକସନ୍ତପ୍ତ:**
ଜୁଲି, ମିଲି, ସ୍ନିଗ୍ଧା ତଥା ସାହୁପରିବାର।
ଧ-୧୩୦୪୧

## ସଂକ୍ଷେପରେ

### ସାମାଜିକ ସମୀକ୍ଷା ବୈଠକ

**ବନ୍ତ, ୧୯।୬ (ଡି.ଏନ.ଏ.):** ବନ୍ତ ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଜାତୀୟ ସାମାଜିକ ସହାୟତା ଯୋଜନାରେ ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରେବେକା ବିଲୁଙ୍ଗ, ସାମାଜିକ ସୁରକ୍ଷା ବିଭାଗ ଅଧିକାରୀ ନିଶାକର ଖୁଣ୍ଟିଆ, ଜିପିଓ ନିଶିକାନ୍ତ ଖୁଣ୍ଟିଆ, ବିଏସ୍ଏ ବର୍ଷାରାଣୀ ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଥିଲେ। ହିତାଧିକାରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ଯୋଜନା ସମ୍ବନ୍ଧୀୟ ସୂଚନା ସ୍ୱତଃପ୍ରବୃତ୍ତ ଭାବେ ପ୍ରକାଶ କରିବା, ହିତାଧିକାରୀ ତନଖି, ଅଯୋଗ୍ୟ ହିତାଧିକାରୀ ଚିହ୍ନଟ, ରାଜ୍ୟ ମାନଦଣ୍ଡ ଅନୁଯାୟୀ ଯୋଗ୍ୟ ହିତାଧିକାରୀ ଚିହ୍ନଟ, ଅଭିଯୋଗ ଲିପିବଦ୍ଧ କରିବା ଏବଂ କାର୍ଯ୍ୟ ନିର୍ବାହରେ ହିତାଧିକାରୀ ସମ୍ମୁଖୀନ ହେଉଥିବା ବିଭିନ୍ନ ଅସୁବିଧା ବିଷୟରେ ଆଲୋଚନା ହୋଇଥିଲା। ୧୯ଜଣ ଭିଆର୍‌ପି, ୨୫ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜିଆର୍‌ଏସ୍ ବୈଠକରେ ଯୋଗ ଦେଇଥିଲେ।

### ଅଗ୍ନିବିପନ୍ନଙ୍କୁ ସହାୟତା

**ବନ୍ତ, ୧୯।୬ (ଡି.ଏନ.ଏ.):** ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ତୁଣ୍ଡା ଗ୍ରାମରେ ଗତ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଶୁକଦେବ ମୁଣ୍ଡାଙ୍କର ୪ ବଖରା ଘର ଜଳିଯାଇଛି। ସ୍ୱର୍ଗତ ପ୍ରତାପ ରାଉତ ସ୍ମୃତି ପରିଷଦ ପକ୍ଷରୁ ସମ୍ପାଦକ ସ୍ୱାଧୀନ ରାଉତଙ୍କ ସମେତ ସଦସ୍ୟମାନେ ଅଗ୍ନିବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇବା ସହ ସହାୟତା ପ୍ରଦାନ କରିଛନ୍ତି।

### ଦିବ୍ୟ ଅଭିନନ୍ଦନ ସମାରୋହ

**ଭଦ୍ରକ ଅଫିସ, ୧୯।୬:** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ରଜ ପର୍ବ ପାଳନ ସହ ଦିବ୍ୟ ଅଭିନନ୍ଦନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମାକୁମାରୀ ଭଦ୍ରକ ଅନୁଷ୍ଠାନର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ମଞ୍ଜୁ ଭଉଣୀଙ୍କ ୩୮ ତମ ଅଲୌକିକ ଜନ୍ମ ଦିବସ ଅବସରରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ତିହିଡ଼ି ବ୍ଲକ ଅଧକ୍ଷା ବିଦ୍ୟୁତଲତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନବନିର୍ବାଚିତ ଏମ୍‌ପି ଓ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱ ପରିବେଶ ଦିବସରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ଉପହାର ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ପଣ୍ଡିତ ବ୍ରହ୍ମାକୁମାର ଦୟାନିଧି ଦାଶ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ବ୍ରହ୍ମାକୁମାର ପ୍ରଶାନ୍ତ ଧନ୍ୟବାଦ ଦେଇଥିଲେ।

### ନାରାୟଣ ଚନ୍ଦ୍ର କଳା ପରିଷଦର ବାର୍ଷିକୋତ୍ସବ

**ଭଣ୍ଡାରିପୋଖରୀ, ୧୯।୬(ଡି.ଏନ୍.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ସାନଶାସନ ପଞ୍ଚାୟତ ତେନ୍ତୁଳିଆ ଗ୍ରାମଠାରେ ସୋମବାର ସନ୍ଧ୍ୟାରେ ନାରାୟଣ ଚନ୍ଦ୍ର କଳା ପରିଷଦର ବାର୍ଷିକ ଉତ୍ସବ ଓ ରଜ ମହୋତ୍ସବ ପାଳିତ ହୋଇଥିଲା। ଜ୍ୟୋତିର୍ବିଦ୍ ଭଗବାନ ଶିଅଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ନାଆଁମୀ କଲେଜର ପୂର୍ବତନ ଅଧକ୍ଷ ଅବନୀ ପ୍ରଧାନ ମୁଖ୍ୟଅତିଥି ଏବଂ ମୁଖ୍ୟବକ୍ତା ଭାବେ ଗାଳ୍ପିକ ଜଗନ୍ନାଥ ପାତ୍ରଙ୍କ ସମେତ ପଣ୍ଡିତ ଦୈତାରୀ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ବିନାୟକ ଘୋଷ, ମଞ୍ଜୁରିରୋଡ ସାହିତ୍ୟ ସଂସଦ ସଭାପତି କିଶୋର ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ବ୍ୟକ୍ତି ଚରିତ୍ରର ଶୁଦ୍ଧତାରେ ସାହିତ୍ୟରେ ସୃଜନତା ଆସିଥାଏ । ସଂସ୍କୃତି, ପରମ୍ପରାକୁ ନେଇ ସାହିତ୍ୟ ସମୃଦ୍ଧ ହୋଇଥାଏ ବୋଲି ଅତିଥି ଓ ବକ୍ତାମାନେ କହିଥିଲେ। ସ୍ଥାନୀୟ ସମିତିସଭ୍ୟା ରଞ୍ଜୁସ୍ମିତା ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପଦ୍ମଲୋଚନ ଦାସଙ୍କ ଆବାହକତ୍ୱରେ ଏବଂ କବି ସତ୍ୟପ୍ରକାଶ ସେଠୀଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ ହରିଶ୍ଚନ୍ଦ୍ର ଜେନା, ପୂର୍ଣ୍ଣଚନ୍ଦ୍ର ମାଝି, ମିନତୀ ମାଝୀ, ରୁକ୍ମିଣୀ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କଣ୍ଟାପଡା ଗ୍ରାମର ଆଶାକର୍ମୀ ବବିତାରାଣୀ ଘୋଷଙ୍କୁ 'ଗଣନାଥ ଜେନା ନାଆଁମୀ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଶେଷରେ ଅଧ୍ୟାପକ ବିନାୟକ ଘୋଷ ଧନ୍ୟବାଦ ପ୍ରଦାନ କରିଥିଲେ।

# ବୈତରଣୀକୁ ଧସିଲା ୧୦୦ ଫୁଟ ମାଟି ଅତଡ଼ା

**ଆରଡ଼ି, ୧୯।୬ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ବୋଡ଼କ ଖେଳପଡ଼ିଆ ନିକଟରେ ବୁଧବାର ସକାଳେ ପ୍ରାୟ ୧୦୦ ଫୁଟ ଲମ୍ବର ମାଟି ଅତଡ଼ା ବୈତରଣୀ ନଦୀଗର୍ଭକୁ ଧସିଛି। ସେଠାରେ ବୈତରଣୀ ନଦୀ ଧୀରେ ଧୀରେ ଆରଡ଼ି-ଯାଜପୁର ରାସ୍ତା ଆଡ଼କୁ ମୁହାଁଉଥିବା କୁହାଯାଉଛି। ଖେଳପଡ଼ିଆଠାରୁ କୟାଁଗୋଲା ପୋଲ ପର୍ଯ୍ୟନ୍ତ ନୂତନ ଭାବେ ନଦୀବନ୍ଧ ନିର୍ମାଣ କରାଯିବା ସହ ପଥରପ୍ୟାକିଂ ଲାଗି ପୂର୍ବରୁ ପ୍ରସ୍ତାବ ରହିଛି। ଏଥିନିମନ୍ତେ ଆବଶ୍ୟକ ଅର୍ଥରାଶି ମଧ ମଞ୍ଜୁର ହୋଇଥିବା କୁହାଯାଉଥିଲେ ମଧ ନିର୍ମାଣ ହୋଇପାରୁ ନାହିଁ।

ଏହି ଅଞ୍ଚଳରେ ବର୍ଷ ବର୍ଷ ଧରି କାମ କରୁଥିବା କେତେକ ଠିକାଦାର ଜଳସେଚନ ବିଭାଗର ହାତବାରିସୀ ସାଜି ନଦୀବନ୍ଧ ନିର୍ମାଣ କାମ କରୁ ନ ଥିବା ବୋଡକ ଅଧିବାସୀ ଅଭିଯୋଗ କରିଛନ୍ତି। ବର୍ଷତମାମ ଠିକ୍ ଭାବେ କାମ କରୁ ନ ଥିବାବେଳେ ବର୍ଷାଦିନ ପୂର୍ବରୁ ସଜାଗ ହୋଇ ଉଠନ୍ତି ଏହି ଠିକାଦାର। ବାଲି ବସ୍ତା ଓ ବଲ୍ଲା ନଦୀକୂଳରେ ସଜାଇ ରଖନ୍ତି। ଆବଶ୍ୟକ ସ୍ଥଳେ ଏସବୁକୁ କାମରେ ଲଗାନ୍ତି। କିନ୍ତୁ ବିଭାଗୀୟ ଅଧିକାରୀ ଓ ଠିକାଦାର ପ୍ରସ୍ତାବିତ ନଦୀବନ୍ଧ ଏବଂ ପଥରପ୍ୟାକିଂ କଥା ଭୁଲିଯାଆନ୍ତି। ଫଳରେ ପ୍ରତିବର୍ଷ ଆରଡ଼ି ଅଞ୍ଚଳର ଅଧିବାସୀ ବନ୍ୟା ଆଶଙ୍କାରେ ଦିନ କାଳାତିପାତ କରିଥାନ୍ତି। ସେହିପରି ବନ୍ୟାରେ ଏହି ଅଞ୍ଚଳରେ ଚାଷୀମାନଙ୍କର ବହୁ ଫସଲ ନଷ୍ଟ ହୋଇଥାଏ। ଏବେ ନଦୀ ମଧ୍ୟକୁ ମାଟି ଅତଡ଼ା ଧସିବା ଶୁଭଙ୍କର ନୁହେଁ ବୋଲି ବୋଡ଼କ ଗାଁର ଅଧିବାସୀ ରମାକାନ୍ତ ନାୟକ କହିଛନ୍ତି। ଯେଉଁଠାରେ ମାଟି ଅତଡ଼ା ଧସୁଛି ସେଠାରେ ପଥରପ୍ୟାକିଂ ହେବା ଜରୁରୀ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଉପଖଣ୍ଡ ଅଧିକାରୀ ଭୁବନାନନ୍ଦ ମହାନ୍ତିଙ୍କୁ ପଚାରିବାରୁ କହିଛନ୍ତି ଯେ, ଯେଉଁଠାରେ ମାଟି ଧସିଛି ସେଠାରେ କୌଣସି ବିପଦ ନାହିଁ। ଆବଶ୍ୟକସ୍ଥଳେ ସେଠାରେ ପଥରପ୍ୟାକିଂ କରାଯିବ।

**ନିର୍ମାଣ ହୋଇପାରୁନି ପ୍ରସ୍ତାବିତ ନଦୀବନ୍ଧ**



ବୋଡ଼କ ଖେଳପଡ଼ିଆ ନିକଟରେ ମାଟି ଅତଡ଼ା ଖସିପଡ଼ିଛି।



ଶିବିରରେ ଯୋଗ ଦେଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଗ୍ରାହକ।

# ଆର୍ଥିକ ସାକ୍ଷରତା ଶିବିର

**ବନ୍ତ, ୧୯।୬ (ଡି.ଏନ.ଏ.)**

ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ବୁଧବାର ଆର୍ଥିକ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ଆନୁକୂଲ୍ୟରେ ଶାଖା ପରିଚାଳକ ରାକେଶ ମହାପାତ୍ରଙ୍କ ସଭାପତିତ୍ୱରେ ଶିବିର ଆୟୋଜିତ ହୋଇଥିଲା। ସମାଜସେବୀ ହୃଷୀକେଶ ବେହେରା, ଛୟାଳସିଂ ପଞ୍ଚାୟତ ସ୍ୱଂୟସହାୟକ ଗୋଷ୍ଠୀ ସଂଘର ସମ୍ପାଦିକା ସବିତା ମହାନ୍ତି, ଗଣିଜାଙ୍ଗ ପଞ୍ଚାୟତ ସ୍ୱଂୟସହାୟକ ଗୋଷ୍ଠୀର କୋଷାଧକ୍ଷ ଅପର୍ଣ୍ଣା ସୂତାର, ବ୍ୟାଙ୍କ ମିତ୍ର ଲିତା ଦିଦି, ବ୍ୟାଙ୍କ ଶାଖା ସହାୟକ ପରେଶ କୁମାର ଭୋଇ, ବିସିଏ ଶ୍ରୀଧର କୁମାର ବେହେରା ପ୍ରମୁଖ ଯୋଗଦେଇ ଆର୍ଥିକ ଅନ୍ତର୍ଭୁକ୍ତି ବିଷୟରେ ସୂଚନା ଦେଇଥିଲେ। ବିଭିନ୍ନ ଗ୍ରାମର ସ୍ୱଂୟସହାୟକ ଗୋଷ୍ଠୀର ମହିଳା ଓ ଗ୍ରାହକ ଶିବିରରେ ଯୋଗ ଦେଇଥିଲେ। ରବୀନ୍ଦ୍ର ଦାସଙ୍କ ସମେତ ଅନ୍ୟମାନେ ଶିବିର ପରିଚାଳନାରେ ସହାୟତା କରିଥିଲେ।

# ନାଳରେ ପଡ଼ି ଯୁବକଙ୍କ ମୃତ୍ୟୁ

**ପଦ୍ମପୁର, ୧୯।୬ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ଲୁଙ୍ଗା ଗ୍ରାମର ଭଗବାନ ନାୟକ ନାମକ ଜଣେ ଯୁବକ ବୁଧବାର ନାଳରେ ପଡ଼ି ପ୍ରାଣ ହରାଇଛନ୍ତି। ଏ ନେଇ ବାସୁଦେବପୁର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୨/୧୯) ରୁଜୁ ହୋଇଛି। ଭଗବାନ ବିଲରେ କାମ କରିବାକୁ ଯାଇ ଘରକୁ ଫେରି ନ ଥିଲେ। ଘର ଲୋକେ ତାଙ୍କୁ ଖୋଜାଖୋଜି କରିବାରୁ ଲୁଙ୍ଗା-ବଡକିଆରି ଯୋରରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଖବର ପାଇ ବାସୁଦେବପୁର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

# ଅତ୍ୟାଧୁନିକ ହିରୋ ବାଇକ୍ ଓ ସ୍କୁଟରର ବଜାର ପ୍ରବେଶ




ଜଣେ କ୍ରେତାଙ୍କୁ ବାଇକ୍ ଚାବି ପ୍ରଦାନ କରାଯାଉଛି।

**ଭଦ୍ରକ ଅଫିସ, ୧୯।୬**

ଭଦ୍ରକ ବଜାରରେ ବୁଧବାର ହିରୋ ମୋଟୋକର୍ପ ଲିମିଟେଡ୍‌ର ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏକ୍ସଟ୍ରିମ ୨୦୦ଏସ୍, ଏକ୍ସପ୍ଲସ ୨୦୦ ଓ ଏକ୍ସପ୍ଲସ୨୦୦ଟି ନାମରେ ୩ଟି ବାଇକ୍ ସହିତ ମାଏଷ୍ଟ୍ରୋ ୧୨୫ ଇଡିଜି ସ୍କୁଟର ବଜାର ପ୍ରବେଶ କରିଛି। ଏହି ବାଇକ୍ ଓ ସ୍କୁଟର ଭଦ୍ରକର ହିରୋ ମୋଟୋକର୍ପର ଅଧିକୃତ ବିକ୍ରେତା ଚରମ୍ପାସ୍ଥିତ ସଞ୍ଜୀବ ହିରୋ ପକ୍ଷରୁ ଏକ ଭବ୍ୟ ଉତ୍ସବରେ ବଜାର ପ୍ରବେଶ କରାଯାଇଛି। ସହରର ବହୁ ଯୁବପିଢି ଏହି ଅବସରରେ ଟେଷ୍ଟ ଡ୍ରାଇଭ୍‌ର ମଜା ନେଇଥିଲେ। ହିରୋର ଟେରିଟୋରି ସେଲ୍ସ ମ୍ୟାନେଜର ପଲ୍ଲବୀ ପଟ୍ଟନାୟକ, ସଞ୍ଜୀବ ହିରୋର ମ୍ୟାନେଜିଂ ପାର୍ଟନର୍ ପ୍ରୀତିରଞ୍ଜନ ଜେନା, ମହେଶ୍ୱର ପୃଷ୍ଟି ଏବଂ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅତ୍ୟାଧୁନିକ ବାଇକ୍‌ରେ ଜିପିଆର୍‌ଏସ୍ ସିଷ୍ଟମ ଓ ରୋଡ୍‌ଡିଫାଇଣ୍ଡର ସିଷ୍ଟମ ରହିଛି। ଟୁଇନ ଏଲ୍‌ଇଡି ଲ୍ୟାମ୍ପ ସହିତ ସିଙ୍ଗଲ ଚ୍ୟାନେଲ ଏବିଏସ୍, ଫ୍ରଣ୍ଟ ସସ୍‌ପେନ୍‌ସନ୍, ଚଉଡା ପଛ ଚକା, ଆଣ୍ଟି ସ୍ଲିପ ସିଟ୍, ହେଭି ପିକ୍‌ଅପ୍ ଯୁବପିଢ଼ିଙ୍କୁ ଆକୃଷ୍ଟ କରିବା ସାଙ୍ଗକୁ ବାଇକ୍ ଚାଳନାର ଏକ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ▌ଦୌଲତପୁର ମଦମୃତ୍ୟୁ ଘଟଣା

# ମୁଖ୍ୟ ଅଭିଯୁକ୍ତଙ୍କ ଗିରଫ ଦାବିରେ ବିକ୍ଷୋଭ

**ତିହିଡ଼ି, ୧୯।୬ (ଡି.ଏନ.ଏ.)**




ତିହିଡ଼ି ବଜାରରେ ଭାଜପାର ବିକ୍ଷୋଭ ଶୋଭାଯାତ୍ରା।

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଦୌଲତପୁର ପଞ୍ଚାୟତରେ ମଦମୃତ୍ୟୁ ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ତୁରନ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବୁଧବାର ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ଥାନା ଘେରାଉ କରାଯାଇଥିଲା। ଦଳର ନେତା ଓ କର୍ମୀମାନେ ବ୍ଲକ କାର୍ଯ୍ୟାଳୟ ନିକଟରୁ ଶୋଭାଯାତ୍ରାରେ ବାହାରି ତିହିଡ଼ି ଥାନା ପାଖରେ ପହଞ୍ଚିଥିଲେ। ସେଠାରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ପରେ ଜିଲା ଉପସଭାପତି ଦୁର୍ଗାଚରଣ ନାୟକଙ୍କ ପୌରୋହିତ୍ୟରେ ଥାନା ସାମ୍ନାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ଧାମନଗର ବିଧାୟକ ବିଷ୍ଣୁ ସେଠୀ, ଭାଜପା ଜିଲା ସଭାପତି ବଦ୍ରିନାରାୟଣ ଧଳ, ଚାନ୍ଦବାଲିର ପୂର୍ବତନ ବ୍ଲକ ଅଧକ୍ଷ ପ୍ରତାପ ଧଳ, ବାସୁଦେବପୁର ନେତା ମାଧବାନନ୍ଦ ମଲ୍ଲିକ, ଯୁବନେତା ଅଭିମନ୍ୟୁ ସେଠୀ ଓ ପଞ୍ଚାନନ ନାୟକ, ପୂର୍ବତନ ତିହିଡ଼ି ବ୍ଲକ ଅଧକ୍ଷ ଶୁକଦେବ ମଲିକ, ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ରଘୁନାଥ ପାତ୍ର, ମଣ୍ଡଳ ସଭାପତି ଶଶିକାନ୍ତ ବିଶ୍ୱାଳ ପ୍ରମୁଖ ସଭାରେ ଯୋଗଦେଇ ମଦମୃତ୍ୟୁ ଘଟଣାରେ ପୋଲିସର ନିଷ୍କ୍ରିୟତାକୁ ନିନ୍ଦା କରିଥିଲେ। ମୁଖ୍ୟ ଅଭିଯୁକ୍ତଙ୍କୁ ସପ୍ତାହକ ମଧ୍ୟରେ ଗିରଫ କରା ନ ଗଲେ ଜିଲାବ୍ୟାପୀ ଆନ୍ଦୋଳନ ସହ ଏସ୍‌ପିଙ୍କ କାର୍ଯ୍ୟାଳୟ ଅଚଳ କରାଯିବ ବୋଲି ଚେତାବନୀ ଦିଆଯାଇଛି। ମୃତକଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ସହାୟତା ଦେବାକୁ ଦଳ ଦାବି କରିଥିଲେ ମଧ ଏହା ପୂରଣ କରା ନ ଯିବା କ୍ଷୋଭର ବିଷୟ ବୋଲି କୁହାଯାଇଥିଲା। ସାଧାରଣ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ଥିବାବେଳେ ବିଷାକ୍ତ ମଦ ଆଣି କିପରି ବଣ୍ଟାଗଲା, ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଉ ବୋଲି ନେତାମାନେ ଦାବି କରିଛନ୍ତି। ପରେ ଦଳ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଧାମନଗର ପ୍ରଭାରୀ ବୁଦ୍ଧଦେବ ଜେନା, ଜିଲା କୃଷକ ମୋର୍ଚ୍ଚା ସଭାପତି ମଙ୍ଗରାଜ ନାୟକ, ନାରୀନେତ୍ରୀ କଳ୍ପନା ଜେନା, ସରପଞ୍ଚ ଅଳିକପ୍ରଭା ରାଉଳ, ସ୍ୱର୍ଣ୍ଣମୟୀ ଜେନା ଓ ଝରଣା ଜେନା, ମଣ୍ଡଳ ସଭାପତି ସୁଧାଂଶୁ ପାଣିଗ୍ରାହୀ, ଉମାକାନ୍ତ ଦାସ ଓ ପ୍ରଦୀପ ବଳ, ସୀତାକାନ୍ତ ନାୟକ, ସରପଞ୍ଚ ଉଷାକାନ୍ତ ନାୟକ ଓ କୃଷ୍ଣଚନ୍ଦ୍ର ସାହୁ, ସମିତିସଭ୍ୟ ଶୁଭ୍ରନାରାୟଣ ସେଠୀ ପ୍ରମୁଖ ପ୍ରତିବାଦ ସଭାରେ ଯୋଗ ଦେଇଥିଲେ।

# ବକେୟା ଟଙ୍କା ମାଗିବାରୁ ଆକ୍ରମଣ: ୩ ଗୁରୁତର

**୯ ଜଣଙ୍କ ନାଁରେ ଥାନାରେ ମାମଲା**

**ଭଦ୍ରକ ଅଫିସ, ୧୯।୬**

ବାହାଘରର ଫୁଲସଜ୍ଜା ବକେୟା ଟଙ୍କା ମାଗିବାରୁ ଦୋକାନୀ ସମେତ ୨ ସହଯୋଗୀଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଏଥିରେ ଗୁରୁତର ୩ ଜଣ ଭଦ୍ରକ ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଅପର୍ତ୍ତିବିନ୍ଧା ଗାଁର ଫୁଲ ଦୋକାନୀ ପ୍ରଫୁଲ୍ଲ କୁମାର ଜେନାଙ୍କ ଅଭିଯୋଗ କ୍ରମେ ଟାଉନ ଥାନା ପୋଲିସ ୯ ଜଣଙ୍କ ନାଁରେ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ପ୍ରଫୁଲ୍ଲ ଗତ ଏପ୍ରିଲ ୩୦ ତାରିଖରେ ମିର୍‌ସାହି ଅପର୍ତ୍ତିବିନ୍ଧା ଗାଁର କାଲୁଙ୍କ ଭାଇ ବାହାଘରରେ ଫୁଲ ସଜାଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ କଚେରି ବଜାରସ୍ଥିତ ଫୁଲ ଦୋକାନରେ ସେ କାଲୁଙ୍କୁ ଦେଖି ବକେୟା ଟଙ୍କା ମାଗିଥିଲେ। ଏହାକୁ କେନ୍ଦ୍ରକରି କାଲୁଙ୍କ ସହଯୋଗୀମାନେ ମିଶି ବିଳମ୍ବିତ ରାତିରେ ପ୍ରଫୁଲ୍ଲ ଘରକୁ ଯିବା ସମୟରେ ରାସ୍ତାରେ ପକାଇ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଆକ୍ରମଣରେ ପ୍ରଫୁଲ୍ଲଙ୍କ ସହ ତାଙ୍କର ୨ ସହଯୋଗୀ ଗୁରୁତର ଆହତ ହୋଇଛନ୍ତି। ପ୍ରଫୁଲ୍ଲଙ୍କ ଏତଲାକୁ ଭିତ୍ତିକରି ପୋଲିସ କାଲୁଙ୍କ ସମେତ ୯ ଜଣଙ୍କ ନାଁରେ ମାମଲା(ନଂ.୧୮୨/୧୯) ରୁଜୁ କରିଛି।

### ଜଳିଗଲା ମୁଢ଼ି ଫ୍ୟାକ୍ଟ୍ରି

**ଭଣ୍ଡାରିପୋଖରୀ, ୧୯।୬ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡ ନିକଟସ୍ଥ ସାତଶୋଳା ଗ୍ରାମଠାରେ ଥିବା ଗଣେଶ ପ୍ରସାଦ ଗୁଡ଼ିଙ୍କ ମୁଢ଼ି ଫ୍ୟାକ୍ଟ୍ରି ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଜଳିଯାଇଛି। ଭଣ୍ଡାରିପୋଖରୀ ଦମକଳ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

### ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ଭଣ୍ଡାରିପୋଖରୀ, ୧୯।୬ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ନେରଡ଼ା ପଞ୍ଚାୟତ ଯଶୋଟିକିରିସ୍ଥିତ ସୁବର୍ଣ୍ଣମୁଖୀ ହାଇସ୍କୁଲ ପରିସରରେ ୧୯୮୬ ମାଟ୍ରିକ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଶତ୍ରୁଘ୍ନ ନାୟକ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଦିବଂଗତ ଶିକ୍ଷକ ଓ ବିଦ୍ୟାର୍ଥୀମାନଙ୍କ ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା। ପୂର୍ବତନ ଶିକ୍ଷକ ଜଳଧର ମହାପାତ୍ର, ଧର୍ମାନନ୍ଦ ସାହୁ, ଶଙ୍କର୍ଷଣ ବେହେରା, କାମିନୀ ଦାସ, ରାମଚନ୍ଦ୍ର ରାଉତ, ପୂର୍ବତନ ବିଦ୍ୟାର୍ଥୀ ମୀନାରାଣୀ ମଙ୍ଗଳ, ହରିଦାସ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଗୋପାଳକୃଷ୍ଣ ଦାସ ଅତିଥି ପରିଚୟ ଓ ପ୍ରତାପ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନିମାଇଁ ଚରଣ ବୋଇତାଇ ଧନ୍ୟବାଦ ଅର୍ପଣ କରିଥିଲେ। ଉମାକାନ୍ତ ବୋଇତାଇ, ନରେନ୍ଦ୍ର ସେଠୀ, କୃତ୍ତିବାସ ନାୟକ, ଅଲିଭା ଜେନା, ବିଦ୍ୟାଧର ନାୟକ, କନକଲତା ସୂତାର, କାଞ୍ଚନବାଳା ମହାରଣା, ଦମୟନ୍ତୀ ସ୍ୱାଇଁ, ସୁଜାତା ରଥ ପ୍ରମୁଖ ୩୦ରୁ ଊର୍ଦ୍ଧ୍ୱ ପୂର୍ବତନ ଛାତ୍ରୀଛାତ୍ର ଉପସ୍ଥିତ ରହି ଛାତ୍ରଜୀବନର ସ୍ମୃତି ବଖାଣିଥିଲେ। ଏହି ଅବସରରେ ପୂର୍ବତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ୫ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# କାର୍ଯ୍ୟାଳୟ ଘେରିଲେ ଭୂମିହୀନ ଆଦିବାସୀ

**ଭଦ୍ରକ ଅଫିସ,୧୯।୬**

ଘରଡିହ ପଟ୍ଟା ତୁରନ୍ତ ଯୋଗାଇ ଦେବା ଦାବିରେ ଶତାଧିକ ଭୂମିହୀନ ଆଦିବାସୀ ପରିବାର ବୁଧବାର ଭଦ୍ରକ ତହସିଲ ଅଧୀନ ରାନ୍ଦିଆ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ଗେଲଟୁଆ, ରାନ୍ଦିଆ, ବାଉଦପୁର ଓ ଓଲଙ୍ଗ ପଞ୍ଚାୟତ ଅଧୀନରେ ଦୀର୍ଘବର୍ଷ ଧରି ବସବାସ କରିଆସୁଥିବା ଆଦିବାସୀ ମହିଳା ଓ ପୁରୁଷ ନିଜର ହକ୍ ଦାବି ନେଇ ସକାଳ ୮ଟାଠାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଘେରାଉ କରି ବସିରହିଥିଲେ।

ଭୂମିହୀନମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ବାସ ଉପଯୋଗୀ ଘରଡିହ ପଟ୍ଟା ଯୋଗାଇ ଦେବାକୁ ସରକାରଙ୍କ ନିର୍ଦ୍ଦେଶ ଥିବାବେଳେ ସ୍ଥାନୀୟ ତହସିଲଦାର ଏବଂ ରାଜସ୍ୱ ନିରୀକ୍ଷକ ଏଥିପ୍ରତି ଅବହେଳା କରିଆସୁଛନ୍ତି। ଘରଡିହ ପଟ୍ଟା ନ ଥିବାରୁ ସରକାରଙ୍କ ବିଭିନ୍ନ ଯୋଜନା ଯଥା ମୋ କୁଡିଆ, ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ, ବିଜୁଳି ଆଲୋକ, ରାଶନକାର୍ଡ, ସ୍ୱଚ୍ଛଭାରତ ମିଶନ ପକ୍ଷରୁ ପାଇଖାନା ଏପରିକି ସେମାନଙ୍କ ପିଲାମାନେ ପାଠ ପଢିବା ପାଇଁ ଜାତିଗତ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଭୂମିହୀନ ଆଦିବାସୀମାନେ ଘରଡିହ ପଟ୍ଟା ପାଇବା ପାଇଁ ବାରମ୍ବାର ସ୍ଥାନୀୟ ତହସିଲ ଓ ରାଜସ୍ୱ ନିରୀକ୍ଷକଙ୍କ ଅଫିସରେ ଦରଖାସ୍ତ କରିଆସୁଥିବା ବେଳେ ଭୂମିହୀନ ଲୋକ ନ ଥିବା ବିଭାଗୀୟ କର୍ତ୍ତୃପକ୍ଷ ସରକାରଙ୍କୁ ରିପୋର୍ଟ କରିଛନ୍ତି।

ଏହି ଭୂମିହୀନ ପରିବାରଙ୍କୁ ପଟ୍ଟା ପ୍ରଦାନ ସକାଶେ ଚାଷୀମୂଲିଆ ସଂଘ ପକ୍ଷରୁ ଜିଲା ପ୍ରଶାସନଠାରୁ ଆରମ୍ଭ କରି ବିଭିନ୍ନ ତହସିଲ ଅଫିସ ଆଗରେ ଆନ୍ଦୋଳନ ସହ ଘେରାଉ ମଧ କରାଯାଇଛି। ବୁଧବାର ଚାଷୀ ମୂଲିଆ ସଙ୍ଗଠନର ନେତା ସୁଶାନ୍ତ ଜେନାଙ୍କ ନେତୃତ୍ୱରେ ଶତାଧିକ ଆଦିବାସୀ ମହିଳା ଓ ପୁରୁଷ ଘେରାଉରେ ସାମିଲ ହୋଇଥିଲେ। ରାନ୍ଦିଆ ରାଜସ୍ୱ ନିରୀକ୍ଷକ ଗଜେନ୍ଦ୍ର ଦାସଙ୍କୁ ଦାବି ଜଣାଇବା ସହିତ ଜିଦ୍‌ରେ ଅଟଳ ହୋଇ ବସିରହିଥିଲେ। ପରେ ସଙ୍ଗଠନର ନେତା ଜେନା ତାଙ୍କର ସମର୍ଥକଙ୍କ ସହିତ ରାଜସ୍ୱ ନିରୀକ୍ଷକଙ୍କ ମଧ୍ୟରେ ଆଲୋଚନା କରାଯାଇଥିଲା। ଆସନ୍ତା ଜୁଲାଇ ୧ ତାରିଖଠାରୁ ଭୂମିହୀନ ପରିବାରଙ୍କ ସର୍ଭେ କାର୍ଯ୍ୟ ଆରମ୍ଭ କରାଯିବା ସହ ସେମାନଙ୍କର ଚୂଡ଼ାନ୍ତ ତାଲିକା ରିପୋର୍ଟ ତହସିଲଦାର ଏବଂ ଜିଲା ପ୍ରଶାସନକୁ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଉଦୟ ହେମ୍ବ୍ରମ, ପୂର୍ଣ୍ଣି ସିଂ, ମନୋଜ ଖିଲାର, ମାନ ମୁଣ୍ଡା, ଜମାଲ ଟୁଡୁ, ପାକନ ଚମ୍ପିଆ, ମଟୁ ପ୍ରଧାନ, ବାସନ୍ତୀ ଯେନା, ପ୍ରମିଳା ଯେନା, ଲଦୁ ମୁଣ୍ଡା, ଗୌତମୀ ଦାସ, ରାଜୁ ମୁଣ୍ଡା ପ୍ରମୁଖ ଘେରାଉରେ ସାମିଲ ଥିଲେ।



ରାନ୍ଦିଆ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭୂମିହୀନମାନେ।

- ଘରଡିହ ପଟ୍ଟା ପ୍ରଦାନରେ ଅବହେଳା
- ସରକାରୀ ଯୋଜନାରୁ ବଞ୍ଚିତ
- ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

## ସଂକ୍ଷେପରେ

### ଗୋଆରୁ ଓଡ଼ିଆ ମହିଳା ଉଦ୍ଧାର



ବାହାନଗା,୧୯।୬(ଡି.ଏନ.ଏ.): ନ୍ୟୁ ଗୋଆ ସହରରେ ଜଣେ ବୟସ୍କା ଓଡ଼ିଆ ମହିଳା ଅସହାୟ ଅବସ୍ଥାରେ ବୁଲୁ ଥିବାବେଳେ ସେଠାକାର ପୋଲିସ ତାଙ୍କୁ ଉଦ୍ଧାର କରି ଏକ ନାରୀ ସଂଗଠନରେ ଆଶ୍ରୟ ଦେଇଛି। ଏହି ମହିଳା ତାଙ୍କ ଘର ଓଡ଼ିଶାର ବାଲେଶ୍ୱର ଜିଲା ଖନ୍ତାପଡ଼ାରେ ବୋଲି କହୁଥିବା ବେଳେ ସେଠାକାର ପୋଲିସ ବାଲେଶ୍ୱର ଏସ୍‌ପିଙ୍କୁ ଜଣାଇ ମହିଳାଙ୍କ ଫଟୋ ପଠାଇଛି। ମହିଳାଙ୍କ ପରିଚୟ ଜାଣିବା ଲାଗି ପୋଲିସ ପକ୍ଷରୁ ଉଦ୍ୟମ କରାଯାଉଛି। ତେବେ ମହିଳାଙ୍କ ଘର ଖନ୍ତାପଡ଼ା କି ନୁହେଁ ତାହା ଯାଞ୍ଚ କରିବା ଲାଗି ଖନ୍ତାପଡ଼ା ଥାନାକୁ ସୂଚନା ଦିଆଯାଇଥିବା ପୋଲିସ୍ କହିଛି। ଏହାମଧ୍ୟରେ ଖନ୍ତାପଡ଼ା ପୋଲିସ ଗୋଆରେ ଉଦ୍ଧାର ହୋଇଥିବା ମହିଳାଙ୍କ ପରିଚୟ ଜାଣିବା ଲାଗି ଚେଷ୍ଟା ଚଳାଇଛି।

### ୨ ରାଜପଥ ଲୁଟେରା ଗିରଫ

ରୂପ୍‌ସା,୧୯।୬(ଡି.ଏନ.ଏ.): ବାଲେଶ୍ୱର ଜିଲା ବସ୍ତା ଥାନା ଏସ୍‌ଆଇ ପିକେ ପାଣି ମଙ୍ଗଳବାର ରାତିରେ ଚଢ଼ାଉ କରି ୨ଜଣ ରାଜପଥ ଲୁଟେରାଙ୍କୁ ଗିରଫ କରଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ଉଇଟିକିରି ଗ୍ରାମର ସ୍ୱାଭିମାନ ସାଗରଜ୍ୟୋତି ଜେନା (୨୧) ଓ କୁଣ୍ଡେଇ ଗ୍ରାମର ଦୀପକ ଜେନା (୨୦)। ସେମାନଙ୍କ ଠାରୁ ଗୋଟିଏ ସୁନାହାର, ମୋବାଇଲ ସହ ଏକ ବାଇକ୍ ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ରାଜପଥରେ ବେଲା ଗ୍ରାମର ନିରଞ୍ଜନ ଗିରି ବାଇକ୍‌ରେ ପତ୍ନୀଙ୍କୁ ବସାଇ ଗତ ୧୪ ତାରିଖ ରାତିରେ ଯାଉଥିବା ବେଳେ ଲୁଟେରାମାନେ ସେମାନଙ୍କୁ ପିଛା କରି ମହିଳାଙ୍କ ବେକରୁ ସୁନାଚେନ୍ ଓ କାନଫୁଲ ଲୁଟଇ ନେଇ ଚମ୍ପଟ ମାରିଥିଲେ। ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ. ୧୫୮/୧୯) ରୁଜୁ କରି ତଦନ୍ତ କରୁଥିଲା। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ପାଣି ଲୁଟେରାଙ୍କୁ ଧରିବା ପାଇଁ ଜାଲ ବିଛାଇ ସଫଳ ହୋଇଥିଲେ।

### ନୂତନ କ୍ୟାବିନ୍‌ର ଶିଳାନ୍ୟାସ



ସଜନାଗଡ଼,୧୯।୬(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ଟ୍ରକ୍ ମାଲିକ ସଂଘ ପକ୍ଷରୁ ବୁଧବାର ନୀଳଗିରି ମେଡ଼ିକାଲ ପରିସରରେ ନୂତନ ରୋଗୀ ଶଯ୍ୟା ଗୃହ (କ୍ୟାବିନ୍)ର ଶିଳାନ୍ୟାସ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଯୋଗ ଦେଇ ଏହାର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଟ୍ରକ୍ ମାଲିକ ସଂଘର ସଭାପତି ସୁରଞ୍ଜନ ମହାପାତ୍ର, ସମ୍ପାଦକ ଶାନ୍ତନୁ କୁମାର ବିଶ୍ୱାଳ, ଉପସଭାପତି ନିହାର ରଞ୍ଜନ ମହାପାତ୍ର, କୋଷାଧ୍ୟକ୍ଷ ଜଗବନ୍ଧୁ ବେହେରା, ସଭ୍ୟ ରାଜୀବ ଘୋଷ, ଚନ୍ଦ୍ରକାନ୍ତ ବିରବର, ହରମୋହନ ବେହେରା, ନଗେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ବଜ୍ରପାତରେ ଯୁବକ ମୃତ

ଜଳେଶ୍ୱର,୧୯।୬(ଡି.ଏନ.ଏ.): ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧୀନ ରାଇଶୂଳ ଗାଁରେ ଝଡବର୍ଷା ହୋଇ ବଜ୍ରପାତ ହେବାରୁ ଜଗନ୍ନାଥ ସିଂ (୧୯) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ବୁଧବାର ଅପରାହ୍ନରେ ଝଡବର୍ଷା ହୋଇ ବଜ୍ରପାତ ହୋଇଥିଲା। ଘର ବାହାରେ ଥିବା ଜଗନ୍ନାଥଙ୍କ ଉପରେ ବଜ୍ରପାତ ହେବାରୁ ସେ ବେହାସ ହୋଇପଡିଥିଲେ। ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୯/୧୯) ରୁଜୁ କରି ତଦନ୍ତ କରୁଛି।

# ଗାଁ ରାସ୍ତାର ନାଁ 'ସଶିବାଦିନୀ'

ନୀଳଗିରି, ୧୯।୬(ଡି.ଏନ.ଏ.)



ରାସ୍ତା ନାମକରଣ ଓ ଉଦ୍‌ଘାଟନ ସଭାରେ ମଞ୍ଚାସୀନ ଅତିଥି।

ବାଲେଶ୍ୱର ଜିଲା ନୀଳଗିରିଠାରୁ ୧୫ କି.ମି. ଦୂରରେ ରହିଛି ମୁକୁନ୍ଦପୁର-ସିକିଡିଆ ଛକ। ଏହି ଛକଠାରୁ ମୁକୁନ୍ଦପୁର ଓ ସିକିଡିଆ ଗାଁକୁ ଯାତାୟତ ଲାଗି ସବୁଦିନିଆ ରାସ୍ତା ନ ଥିଲା। ସିକିଡିଆ ଗାଁରେ ଜନ୍ମ ହୋଇ ଅଧ୍ୟାପନା କରି ଅବସର ଗ୍ରହଣ କରିଥିବା ପ୍ରାଧ୍ୟାପକ ଡା. ଭରତ ଚନ୍ଦ୍ର ବେହେରା ପାଉଥିବା ପେନ୍‌ସନ ଟଙ୍କା ସମେତ ଆବଶ୍ୟକ ଅର୍ଥ ବିନିଯୋଗ କରି ୫ ବର୍ଷ ତଳେ ଗାଁକୁ ଅଧ କି.ମି. ରାସ୍ତା ତିଆରି କରି ତାହା ଉପରେ ନାଲିଗୋଡି ବିଛାଇଥିଲେ। ସେତେବେଳେ ଏହି ଘଟଣା ବେଶ୍ ଚର୍ଚ୍ଚାକୁ ଆସିଥିଲା। ଏହା ମଧ୍ୟରେ ସରକାରଙ୍କ ପକ୍ଷରୁ ଏହାକୁ ସିମେଣ୍ଟ ରାସ୍ତାରେ ପରିଣତ କରାଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ପ୍ରଫେସର ବେହେରା ଉକ୍ତ ରାସ୍ତାର ନାମକରଣ କରି 'ସଶିବାଦିନୀ' ରଖିଛନ୍ତି। ଏଭଳି ନାମକରଣର ଏକ ବିଶେଷ ତାତ୍ପର୍ଯ୍ୟ ରହିଛି। ରାଜରାଜୁଡା ଶାସନ ସମୟରେ କୁସଂସ୍କାର ବିରୋଧରେ ଲଢି ସଂସ୍କାର ଆଣିଥିବା ଗ୍ରାମର ୫ଜଣଙ୍କ ସ୍ମୃତି ରକ୍ଷା ଲାଗି ସେମାନଙ୍କ ନାମର ପ୍ରଥମ ଅକ୍ଷରକୁ ନେଇ 'ସଶିବାଦିନୀ' ଶବ୍ଦ ସୃଷ୍ଟି କରାଯାଇଛି। ଏହି ୫ ସଂସ୍କାରବାଦୀ ବ୍ୟକ୍ତି ହେଲେ ସରସ୍ୱତୀ ବେହେରା, ଶିବ ସେଠୀ, ବାଉରୀ ବେହେରା, ଦୀନବନ୍ଧୁ କର ଏବଂ ମିଛୁ ସେଠୀ।

ମଙ୍ଗଳବାର ସନ୍ଧ୍ୟାରେ ଗ୍ରାମବାସୀଙ୍କ ଉଦ୍ୟମ କ୍ରମେ ରାସ୍ତା ଉଦ୍‌ଘାଟନ ଲାଗି ଏକ ଭବ୍ୟ ସଭାର ଆୟୋଜନ କରାଯାଇଥିଲା। ଏହା ଗାଁ ପରିବେଶକୁ ଉତ୍ସବମୁଖର କରିଥିଲା। ସଶିବାଦୀମି ରାସ୍ତା ଉଦ୍‌ଘାଟନୀ ସଭାରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ବେହେରା ସଭାପତିତ୍ୱ କରିଥିଲେ। ବହୁ କବି ,ଗାଳ୍ପିକ ଓ ଲେଖକ ଏଥିରେ ଯୋଗ ଦେଇଥିଲେ। ଭଦ୍ରକ ପାଳିଆବିନ୍ଧା ମାଧବାନନ୍ଦଅର୍ଜୁନ ମହାବିଦ୍ୟାଳୟର ଇତିହାସ ବିଭାଗ ପ୍ରାଧ୍ୟାପକ ପବିତ୍ର ପାଣିଗ୍ରାହୀ, କବୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ, ସୋରୋ ମହାବିଦ୍ୟାଳୟର ଓଡିଆ ବିଭାଗ ପ୍ରାଧ୍ୟାପକ ଡା. ଶରତ ଚନ୍ଦ୍ର ମହାନ୍ତି, ଗଦାଧର ନାୟକ, ଯୋଗାନନ୍ଦ ଦାଶ ପ୍ରମୁଖ ଯୋଗ ଦେଇ ପ୍ରାଧ୍ୟାପକ ବେହେରାଙ୍କ ସାମାଜିକ ଓ ସେବାମୂଳକ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଅବହେଳିତ, ନକ୍ଷେପିତ ଲୋକଙ୍କ ପ୍ରତି ସହାନୁଭୂତି ରଖି ବିବାହ ବ୍ରତଠାରୁ ଆରମ୍ଭ କରି ବିଭିନ୍ନ କଲ୍ୟାଣକର କାର୍ଯ୍ୟ କରି ପ୍ରାଧ୍ୟାପକ ବେହେରା ଜଣେ 'ନିଆରା ମଣିଷ'ର ପରିଚୟ ଲାଭ କରିଛନ୍ତି ବୋଲି ଅତିଥି ଓ ବକ୍ତାମାନେ କହିଥିଲେ। ଏହି ଅବସରରେ ରାଜରାଜୁଡା ସମୟରେ କୁସଂସ୍କାର ବିରୋଧରେ ଲଢେଇ କରି ଜନମାନସରେ ତିଷ୍ଠି ରହିଥିବା ୫ ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏକଦା ସମାଜକୁ ଦିଗଦର୍ଶନ ଦେଇଥିବା ଏହି ୫ଜଣଙ୍କୁ ମନେ ରଖିବା ସକାଶେ ଗାଁ ରାସ୍ତାର ନାମକରଣ ଅନ୍ୟମାନଙ୍କ ଲାଗି ଅନୁକରଣୀୟ ଓ ଦୃଷ୍ଟାନ୍ତ ହେବ ବୋଲି ଅତିଥିମାନେ କହିଥିଲେ। ଉତ୍ସବରେ ଅଜୟ କୁମାର ସ ସ୍ୱାଗତ ଭାଷଣ ଦେଇଥଲେ। ମଞ୍ଚ ପରିଚାଳନା କରିଥିଲେ ବିଦ୍ୟାଧର ବେହେରା।

# ଘର ପାଖ ଜଙ୍ଗଲରୁ କଲେଜ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ସଜନାଗଡ଼,୧୯।୬(ଡି.ଏନ.ଏ.)

**ହତ୍ୟା କି ଆତ୍ମହତ୍ୟା ଜଣାପଡ଼ି ନାହିଁ**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବରହମପୁର ଥାନା ଅଧୀନ କେସିପୁର ପଞ୍ଚାୟତ ତରତରି ଗ୍ରାମର ଜଣେ ଯୁକ୍ତ୨ ଦ୍ୱିତୀୟବର୍ଷର କଳାଛାତ୍ରୀ ରଶ୍ମି ମାରାଣ୍ଡିଙ୍କ ମୃତଦେହ ନିକଟସ୍ଥ ଜଙ୍ଗଲର ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ଗତ ଶନିବାରଠାରୁ ସେ ନିଖୋଜ ଥିଲେ। ପରିବାରବର୍ଗ ବନ୍ଧୁବାନ୍ଧବ ଓ ସାଙ୍ଗସାଥୀଙ୍କ ଘରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ମଙ୍ଗଳବାର ଜଙ୍ଗଲରୁ ପଚାଗନ୍ଧ ଆସୁଥିବା ଗ୍ରାମବାସୀ ଖବର ପାଇ ପରିବାରବର୍ଗ ଅପରାହ୍ନ ୩ଟା ସମୟରେ ସେଠାକୁ ଯାଇଥିଲେ। ତାଙ୍କ ଘରଠାରୁ ୫ଶହ ମିଟର ଦୂର ଏହି ପତୁରି ଜଙ୍ଗଲରେ ରଶ୍ମିଙ୍କ ମୃତଦେହ ଦେଖି ହତଚକିତ ହୋଇ ଯାଇଥିଲେ। ଏନେଇ ସନ୍ଧ୍ୟା ୬ଟା ସମୟରେ ବରହମ୍ପୁର ଥାନାକୁ ପରିବାର ଲୋକେ ଜଣାଇବାରୁ ଥାନା ଅଧିକାରୀ ଘଟଣାସ୍ଥଳକୁ ଆସି ଶବ ଉଦ୍ଧାର କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ. ୧୦/୧୯) ରୁଜୁ କରାଯାଇଛି। ବୁଧବାର ପୂର୍ବାହ୍ନରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏହା ହତ୍ୟା କିଆତ୍ମହତ୍ୟା ତାହା ଜଣାପଡ଼ିନାହିଁ। ଏ ନେଇ ପୋଲିସ ତଦନ୍ତ ଜାରି ରହିଛି।



ରାଜପଥ ସ୍ୱତନ୍ତ୍ର ଯନ୍ତ୍ରୀ ଅରୁଣ ଯାଦବଙ୍କ ସହ ସଦର ବିଧାୟକ ଆଲୋଚନା କରୁଛନ୍ତି।



କ୍ରିୟାନୁଷ୍ଠାନ କମିଟି ପ୍ରତିନିଧି ଦଳ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

# 'ଜିଲା ମୁଖ୍ୟ ଚିକିତ୍ସାଳୟ ସମସ୍ୟା ଦୂରକର'

## ସରକାରୀ ମେଡିକାଲ୍ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି

ବାଲେଶ୍ୱର ଅଫିସ,୧୯।୬

ବାଲେଶ୍ୱର ଜିଲା ମୁଖ୍ୟ ହସ୍‌ପିଟାଲରେ ବିଭିନ୍ନ ସମସ୍ୟା ଲାଗି ରହିଥିଲେ ମଧ୍ୟ ଏହାର ପ୍ରତିକାର କରାଯାଉ ନାହିଁ। ସ୍ଥାନୀୟ ସରକାରୀ ମେଡିକାଲ୍ କଲେଜ କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧିମାନେ ମଙ୍ଗଳବାର ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦାୟିତ୍ୱରେ ଥିବା ଡା. ଶଶାଙ୍କ ଶେଖର ଚୌଧୁରୀଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ହସ୍‌ପିଟାଲର ବିଭିନ୍ନ ସମସ୍ୟା ମଧ୍ୟରେ ସମସ୍ତ ୱାର୍ଡ଼ରେ ନିୟମିତ ସଫେଇ, ହସ୍‌ପିଟାଲ ପରିସରରେ ଗାଡ଼ି ପାର୍କିଂ ବ୍ୟବସ୍ଥା, ମହିଳା ଓ ଶିଶୁ ୱାର୍ଡ଼ରେ ର୍‌ୟାମ୍ପ୍ ନିର୍ମାଣ ଓ ଲିଫ୍ଟକୁ ନିୟମିତ ଚଳାଇବା, ଖାଲିପଡିଥିବା ବିଶେଷଜ୍ଞ ପଦବୀ ପୂରଣ ହେବା ଯାଏ ଅନ୍ୟ ସରକାରୀ ହସ୍‌ପିଟାଲରେ କାର୍ଯ୍ୟ କରୁଥିବା ଡାକ୍ତରଙ୍କୁ ଅସ୍ଥାୟୀ ଭାବେ ଏଠାକୁ ପଠାଇବାକୁ ଆଲୋଚନା ବେଳେ ଦାବି କରାଯାଇଥିଲା। ସେହିପରି ହସ୍‌ପିଟାଲରେ ଦଲାଲମାନେ ସକ୍ରିୟ ହୋଇ ରୋଗୀଙ୍କୁ ଘରୋଇ ଚିକିତ୍ସାକେନ୍ଦ୍ରକୁ ପଠାଇବା ଘଟଣାର ତଦନ୍ତ କରି କୌଣସି ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଏଥିରେ ସମ୍ପୃକ୍ତ ଥିଲେ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧିଙ୍କୁ ପ୍ରତିଦିନ ହସ୍‌ପିଟାଲ ବୁଲି ସେବା କାର୍ଯ୍ୟ ତଦାରଖ ଲାଗି ପାଇଁ ଅନୁମତି ଦେବାକୁ ପ୍ରତିନିଧିମାନେ ମଧ୍ୟ ଦାବି ଉପସ୍ଥାପନ କରିଥିଲେ।

ଡା. ଶେଖର ସବୁ ଅଭିଯୋଗ ଓ ଦାବି ଶୁଣିବା ପରେ ମୁଖ୍ୟ ଚିକିତ୍ସାଧିକାରୀ କାର୍ଯ୍ୟରେ ଯୋଗଦେବା ପରେ ସମସ୍ତ ସମସ୍ୟା ଓ ପ୍ରସ୍ତାବ ସମ୍ପର୍କରେ ତାଙ୍କୁ ଅବଗତ କରାଇବେ ବୋଲି ପ୍ରତିନିଧିମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କ୍ରିୟାନୁଷ୍ଠାନ କମିଟିର ସଭାପତି ପ୍ରଫେସର ଅନନ୍ତ କୁମାର ପ୍ରଧାନ, ସାଧାରଣ ସମ୍ପାଦକ ନିରଞ୍ଜନ ପରିଡ଼ା, ଦୀନବନ୍ଧୁ ଲେଙ୍କା, ସଚ୍ଚିନ୍ଦ୍ର ଦାସ, ଇଂ. ବନମାଳୀ ନାୟକ ଓ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ପ୍ରତିନିଧି ଦଳରେ ଅଂଶଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ।

# ଭାଲୁ ଆକ୍ରମଣରେ ସାଇକେଲ ଆରୋହୀ ଗୁରୁତର

ସଜନାଗଡ଼,୧୯।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଥାନା ଅନ୍ତର୍ଗତ କେ. ପିଲାକ୍‌ରାଜ ପଞ୍ଚାୟତର ଚଟିରିଖୁଣ୍ଟା ଅଞ୍ଚଳର ରବୀନ୍ଦ୍ର ଦାସ (୪୬) ସାଇକେଲରେ ନିଜ ଘରକୁ ମଙ୍ଗଳବାର ସନ୍ଧ୍ୟାରେ ଫେରୁଥିବାବେଳେ ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ରବୀନ୍ଦ୍ରଙ୍କ ଚିତ୍କାର ଶୁଣି ଭାଲୁଟି ଜଙ୍ଗଲକୁ ପଳାଇ ଯାଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ରବୀନ୍ଦ୍ରଙ୍କୁ ଉଦ୍ଧାର କରି ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କିରଥିଲେ। ରବୀନ୍ଦ୍ରଙ୍କ ଡାହାଣ ହାତ ଓ ଛାତିରେ ଗଭୀର ଆଘାତ ଲାଗି ଥିବାରୁ ରକ୍ତସ୍ରାବ ହୋଇଥିଲା।

# ଗାଙ୍ଗଯୋଡ଼ି ପୋଲ ଜଳ ନିଷ୍କାସନ ପ୍ରକଳ୍ପକୁ ମଞ୍ଜୁରୀ

ବାଲେଶ୍ୱର ଅଫିସ,୧୯।୬

ବାଲେଶ୍ୱର ଜିଲା ରୂପ୍‌ସା ଅଞ୍ଚଳରେ ଗାଙ୍ଗଯୋଡ଼ି ପୋଲଠାରୁ ବୁଢ଼ାଖିଆ ପୋଲ ଯାଏଁ ବନ୍ୟାଜଳ ନିଷ୍କାସନ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ବହୁଦିନ ଧରି ଏଠାରେ ଜଳ ନିଷ୍କାସନ ସମସ୍ୟା ଲାଗି ରହିଥିଲା। ଅଞ୍ଚଳବାସୀଙ୍କ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସଦର ବିଧାୟକ ମଦନ ମୋହନ ଦତ୍ତ ଗତ ୧ ତାରିଖରେ ବିଭାଗୀୟ ମୁଖ୍ୟଯନ୍ତ୍ରୀ ସୀତାମ୍ବର ରାଓଙ୍କୁ ଧରି ସମ୍ପୃକ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ। ଗତ ୪ ତାରିଖରେ ଜାତୀୟ ରାଜପଥ ମୁଖ୍ୟ ଟିକେ ବୈଦ୍ୟଙ୍କୁ ସେ ଚିଠି ଲେଖି ଏହି ସମସ୍ୟାର ସମାଧାନ ପାଇ ଅନୁରୋଧ କରିଥିଲେ। ଏଥିସହ ଫୋନ୍ ଯୋଗେ ଦିଲ୍ଲୀ ସ୍ଥିତ ଜାତୀୟ ରାଜପଥ ମନ୍ତ୍ରାଳୟର ସଚିବଙ୍କ ସହ କଥାବାର୍ତ୍ତା କରି ତୁରନ୍ତ ଉଚ୍ଚ ଡ୍ରେନ୍ ନିର୍ମାଣ କରିବା ସହ ସ୍ଥାୟୀ କଲଭର୍ଟକରିବାକୁ ପ୍ରସ୍ତାବ ରଖିଥିଲେ। ତଦନୁଯାୟୀ ବୁଧବାର ଏହି ପ୍ରକଳ୍ପରେ ୬ଟି ବୃହତ୍ ଉଚ୍ଚ ଲମ୍ବା ନାଳ ଏବଂ ୪ଟି କଲ୍‌ଭର୍ଟ ନିର୍ମାଣ ସକାଶେ ଥିବା ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ଜାତୀୟ ରାଜପଥର ସ୍ୱତନ୍ତ୍ର ଯନ୍ତ୍ରୀ ଅରୁଣ ଯାଦବ ବିଧାୟକଙ୍କ ସହ ସମ୍ପୃକ୍ତ ଅଞ୍ଚଳ ପରିଦର୍ଶନ କରି ଫେରିଛନ୍ତି। ସରପଞ୍ଚ ଅନିତା ବେହେରା, ସମିତିସଭ୍ୟ ଅଭୀପ୍ସା ନାୟକ, ତପନ ଗିରି, ରଶ୍ମି ରଞ୍ଜନ ଜେନା, ଗଙ୍ଗାଧର ରାଉତ, ଚତୁର୍ଭୁଜ ବେହେରା, ସୃଷ୍ଟିଧର ସେନାପତି, ଅନ୍ତର୍ଯ୍ୟାମୀ ବେହେରା, ଗଦାଧର ପଣ୍ଡିତ ଓ ଗୌରାଙ୍ଗ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ■ ଗାଁ ମାଟିରେ ପୂଜ୍ୟପୂଜା

# ବରିଷ୍ଠ ନାଗରିକ, କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବାହାନଗା,୧୯।୬(ଡି.ଏନ.ଏ.)



ଓଁକାରେଶ୍ୱର ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଅବସରରେ ସମ୍ବର୍ଦ୍ଧିତ ପ୍ରତିଭା।

ବାଲେଶ୍ୱର ଜିଲା ବାହାନଗା ବ୍ଲକ କଲ୍ୟାଣୀ ପଞ୍ଚାୟତର ଅରଳା ଗ୍ରାମରେ ଥିବା ବାବା ଓଁକାରେଶ୍ୱର ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହୋଇଥିଲା। ଏହି ଅବସରରେ ପୂଜ୍ୟପୂଜା କାର୍ଯ୍ୟକ୍ରମ ଲାଗି ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଗ୍ରାମର ମହିଳାମାନଙ୍କ ଦ୍ୱାରା ୧୦୮ କଳସ ଶୋଭାଯାତ୍ରାରେ ଅଣାଯାଇ ଗ୍ରାମ ପରିକ୍ରମା କରାଯିବା ପରେ ମନ୍ଦିର ପରିସରରେ ପୂଜା ଓ ଯଜ୍ଞ ଅନୁଷ୍ଠାନ ଆରମ୍ଭ ହୋଇଥିଲା। ମନ୍ଦିର କମିଟି ଆନୁକୂଲ୍ୟରେ ଆୟୋଜିତ ସଭାରେ ଗ୍ରାମର ୬ଜଣ ବୟସ୍କ ବ୍ୟକ୍ତିଙ୍କ ସମେତ ୨୦୧୯ ରେ ଦଶମ ଶ୍ରେଣୀ ଓ ଯୁକ୍ତ ୨ରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାରେ ମାନସ କୁମାର ପାତ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ସରପଞ୍ଚ ମମତା ରାଣୀ ଦାଶ, ମୁଖ୍ୟବକ୍ତା ଭାବେ ନାରାୟଣ ପ୍ରସାଦ ସେଠୀ ଏବଂ ସମ୍ମାନନୀୟ ଅତିଥି ଭାବେ ଗ୍ରାମର ୱାର୍ଡ଼ ସଭ୍ୟା ମଞ୍ଜୁଲତା ମହାକୁଡ଼, ରଞ୍ଜିତା ଯେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ବ୍ରଜମୋହନ ମୁର୍ମୁ। ପୂଜ୍ୟପୂଜା ପରମ୍ପରା ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି ଅତିଥିମାନେ କହିଥିଲେ। ଗ୍ରାମର ପଞ୍ଚାନନ ଦାସ (୯୮), ସଦାଶିବ ମିଶ୍ର (୮୭), ମକର ଯେନା (୮୬), ଉଦୟ ନାରାୟଣ ଯେନା (୮୬), ବୁଧି ମହାକୁଡ଼(୯୨), ରତ୍ନମଣି ମହାପାତ୍ର (୮୬) ପ୍ରମୁଖଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କୃତୀ ଛାତ୍ରୀଛାତ୍ର ସସ୍ମିତା ସେଠୀ, ଜ୍ୟୋତିରଞ୍ଜନ ଯେନା, ଜଗନ୍ନାଥ ଦାସ, ଇତିଶ୍ରୀ ଦାସ, ନିଲମ ଦାସ, ଧରିତ୍ରୀ ଯେନା, ବର୍ଷା ଯେନା, ପ୍ରମୋଦ ବାରିକ୍, ଧନୁର୍ଜୟ ଯେନା ପ୍ରମୁଖ ଛାତ୍ରୀଛାତ୍ରମାନଙ୍କୁ ଅନୁରୂପ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ବିଶ୍ୱନାଥ ମହାପାତ୍ର।

# ପାରୋଲରେ ଥିବା କଏଦୀଙ୍କୁ ଆକ୍ରମଣ,ଜଣେ ଗିରଫ

ଖଇରା,୧୯।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ କଇଥଗଡିଆ ଗ୍ରାମରେ ପାରୋଲରେ ଥବା କଏଦୀ ବିଷ୍ଣୁ ରାଉତଙ୍କୁ ବୁଧବାର ମରଣାନ୍ତକ ଆକ୍ରମଣ କରାଯାଇଛି। ଖଇରା ପୋଲିସ ଘଟଣାର ତଦନ୍ତ କରି ସେହିଗ୍ରାମର ଅଭିଯୁକ୍ତ ରଘୁନାଥ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ କଏଦୀ ବିଷ୍ଣୁ ରଘୁନାଥଙ୍କ ବାପା ଅନାଦି ନାୟକଙ୍କୁ ହତ୍ୟା କରିଥବବା ଅଭିଯୋଗରେ ଏବେ ବାଲେଶ୍ୱର ଜେଲରେ ରହୁଥିଲେ। ସେ ୨୦ଦନ ଲାଗି ପାରୋଲରେ ଘରକୁ ଆସିଥିଲେ। ବୁଧବାର ଗ୍ରାମର ଜନୈକ ବ୍ୟକ୍ତିଙ୍କ ଝିଅ ବାହାଘରରେ ଟେଣ୍ଟ ଖୁଣ୍ଟ ପୋତିବାକୁ ନେଇ ରଘୁନାଥ ଓ ବିଷ୍ଣୁଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ରଘୁନାଥଙ୍କ ସାନ ଭାଇ ଶଙ୍କର୍ଷଣ ଏକ ଠେଙ୍ଗାରେ ବିଷ୍ଣୁଙ୍କୁ ଆକ୍ରମଣ କରିଥିଲେ। ରଘୁନାଥ ମଧ୍ୟ ଘଟଣା ସ୍ଥଳରେ ଉପସ୍ଥିତ ଥିଲେ ବୋଲି ବିଷ୍ଣୁଙ୍କ ସାନଭାଇ କୈଳାସ ରାଉତ ଖଇରା ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଗୁରୁତର ଆହତ ଅବସ୍ଥାରେ ବିଷ୍ଣୁଙ୍କୁ ପ୍ରଥମେ ଖଇରା ନିଆଯାଇ ପରେ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ସକ୍ରାନ୍ତରେ ରଘୁନାଥ ଓ ଶଙ୍କର୍ଷଣଙ୍କ ବିରୋଧରେ ଖଇରା ଥାନରେ ଏକ ମାମଲା(ନଂ.୧୧୫/୧୯) ରୁଜୁ କରାଯାଇଛି।

# 'ଅନ୍ତର୍ଘାତୀ କାର୍ଯ୍ୟ ହେତୁ ବିଜେଡି ହାରିଲା'

## ଔପଦା ସାଙ୍ଗଠନିକ ବୈଠକରେ ନିର୍ବାଚନ ପରାଜୟର ସମୀକ୍ଷା

ଔପଦା,୧୯।୬ (ଡି.ଏନ.ଏ.)



ଔପଦାରେ ବିଜେଡିର ନିର୍ବାଚନୀ ସମୀକ୍ଷା ବୈଠକ।

ବାଲେଶ୍ୱର ଜିଲା ଔପଦା ବ୍ଲକ ସଦରରେ ବୁଧବାର ପୂର୍ବାହ୍ନରେ ବିଜେଡିର ସାଙ୍ଗଠନିକ ବୈଠକ ବସିଥିଲା। ଏଥିରେ ପୂର୍ବତନ ଜିଲାପରିଷଦ ସଭ୍ୟ ଅନିରୁଦ୍ଧ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ବ୍ଲକର ଶତାଧିକ ବିଜେଡି କର୍ମୀ ଯୋଗଦେଇ ନୀଳଗିରି ବିଧାନସଭାମଣ୍ଡଳୀରେ ବିଜେଡ ନିର୍ବାଚନରେ ପରାଜୟ ବରଣ କରିବାର କାରଣ ଖୋଜିଥିଲେ। ଏହି ପ୍ରସଙ୍ଗକୁ ନେଇ ସମୀକ୍ଷା କରାଯିବା ବେଳେ ଦଳ ଭିତରେ ଅନ୍ତର୍ଘାତୀ କାର୍ଯ୍ୟ, ଭୋଟ୍ ଧ୍ରୁବୀକରଣ ଏବଂ କଂଗ୍ରେସ ଭୋଟ୍ ବିଭାଜନ ପରାଜୟର ମୁଖ୍ୟ କାରଣ ବୋଲି ଦଳ ପକ୍ଷରୁ ଉଚିତ ଶକ୍ତି ପ୍ରଦର୍ଶନ କରାଯିବ ବୋଲି ସେ ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ରାଜ୍ୟସ୍ତରୀୟ ନେତା ଗତିକୃଷ୍ଣ ନନ୍ଦ, ସ୍ଥାନୀୟ ସରପଞ୍ଚ ମଧୁସୂଦନ ମଲ୍ଲିକ, ପୂର୍ବତନ ସରପଞ୍ଚ କାର୍ତ୍ତିକେଶ୍ୱର ପଣ୍ଡା, ସଚ୍ଚିନ୍ଦ୍ର ଦାସ, ବିଜେଡି ଯୁବନେତା ଓ ତଳକିଆ ସମିତିସଭ୍ୟ ଅଶୋକ କୁମାର ପ୍ରଧାନ, ଯୁବନେତା ଦେବେନ୍ଦ୍ର ଦାଶ, ଆଇନଜୀବୀ ରଞ୍ଜନ କୁମାର ପଣ୍ଡା ଓ ଅନନ୍ତ ପ୍ରସାଦ ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଧାନ ବିହନ ଯୋଗାଣରେ ଅବ୍ୟବସ୍ଥା

ଉତ୍କଳବନ୍ଧୁ ପଣ୍ଡା
ଖଇରା,୧୯।୬

ଖରିଫ ଚାଷ ଲାଗି ଜମିରେ ବିହନ ବୁଣିବାର ନିର୍ଦ୍ଧାରିତ ସମୟରୁ ଅନ୍ୟୂନ ୧୫ଦିନ ଗଡି ଗଲାଣି। ବାଲେଶ୍ୱର ଜିଲା ଖଇରା ବ୍ଲକର ଚାଷୀଙ୍କୁ ଏଯାଏ କୃଷି ବିଭାଗ ଆବଶ୍ୟକ ମୁତାବକ ବିହନ ଯୋଗାଇ ପାରିନାହିଁ। କିଛି ମାସ ତଳେ ଧାନର ଅଭାବୀ ବିକ୍ରି ଚାଷୀଙ୍କୁ ହନ୍ତସନ୍ତ କରିଥିଲା। ଏବେ ବିହନ ଅଭାବ ଚାଷୀଙ୍କ ଲାଗି ଚିନ୍ତାର କାରଣ ହୋଇଛି। କେତେକ ଅଞ୍ଚଳରେ ଚାଷୀ ବେସରକାରୀ ସ୍ତରରେ ଧାନ ବିହନ ଯୋଗାଡ ପାଇଁ ଉଦ୍ୟମ ଆରମ୍ଭ କରିଥିବା ବେଳେ ଆଉ କେତେକ ସମବାୟ ବିଭାଗର ବିହନ ଯୋଗାଣକୁ ଅପେକ୍ଷା କରି ରହିଛନ୍ତି। ତୁରନ୍ତ ଚାହିଦା ମୁତାବକ ବିହନ ଯୋଗାଣ ନ ହେଲେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବା ଲାଗି ଚେତାବନୀ ଦେଇଛନ୍ତି।

ଖଇରା ବ୍ଲକରେ ଚାଷୀଙ୍କୁ ବିହନ ଯୋଗାଇବା ଲାଗି ଏଥର ୧୪ ସେବା ସମବାୟ ସମିତି ଏବଂ ୫ ଲାଇସେନ୍ସପ୍ରାପ୍ତ ବେସରକାରୀ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଏହି ବ୍ଲକରେ ପ୍ରାୟ ୨ହଜାର କୁଇଣ୍ଟାଲ ଧାନ ବିହନ ଆବଶ୍ୟକ ପଡିଥାଏ। ଏଥର ୧୪ ସମିତି ମଧ୍ୟରୁ ମାଣିତ୍ରୀ, ଖଇରା, ଓସଙ୍ଗ ସମିତି ବିଭିନ୍ନ ଅସୁବିଧା ଦର୍ଶାଇ ଏ ପର୍ଯ୍ୟନ୍ତ ବିହନ ଉଠାଇ ନାହାନ୍ତି। ଅନ୍ୟ ୧୧ ସମିତି ବିହନ ନିଗମରୁ ମାତ୍ର ୪୦୧କୁଇଣ୍ଟାଲ ବିହନ ଉଠାଇଛନ୍ତି। ଏପରିସ୍ଥଳେ ସମସ୍ତ ବିହନ ଏକ ପ୍ରକାର ଶେଷ ହୋଇ ଗଲାଣି ବୋଲି କୁହାଯାଉଛି। ବିହନ ବିକ୍ରି ପାଇଁ ଲାଇସେନ୍ସ ପାଇଥିବା ହରିପୁରର ଉଚ୍ଛବ ସିଂ, କୁପାରୀର ଦେବେନ୍ଦ୍ର ବେହେରା, ରୁସ୍ତମପୁରର ଡମ୍ବରୁଧର ବାରିକ, ଗଣ୍ଡିବେଡର ବିଶ୍ୱଜିତ ଥାଟୋଇ, ମହତୀପୁର ଦେବକୀ ସିଡ୍‌ସ ୧୦୭ କୁଇଣ୍ଟାଲ ବିହନ ଉଠାଇ ସେଥିରୁ ୧୦୦କୁଇଣ୍ଟାଲ ବିକି ସାରିଛନ୍ତି। ୨ହଜାର କୁଇଣ୍ଟାଲରୁ ବର୍ତ୍ତମାନ ସୁଦ୍ଧା ସରକାର ଚାଷୀଙ୍କୁ ୫୦୮କୁଇଣ୍ଟାଲ ବିହନ ଯୋଗାଇଛନ୍ତି। ଅନ୍ୟପକ୍ଷେ ବିହନ ଉଠାଇବାକୁ କେତେକ ସମିତି ଆଗ୍ରହ ଦେଖାଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ମାଣିତ୍ରୀ ଏବଂ ଓସଙ୍ଗ ସମିତିରେ ସ୍ଥାୟୀ ସମ୍ପାଦକ ନ ଥିବା ବେଳେ ଖଇରାରେ ନିଜସ୍ୱ ଗୋଦାମ ନ ଥିବାରୁ ବିହନ ଉଠାଯାଉ ନ ଥିବାର କୁହାଯାଉଛି। ମାଣିତ୍ରୀ ସମିତି ଅଧୀନ ଜଳଙ୍ଗ ଗ୍ରାମର ଚାଷୀ ପ୍ରଫୁଲ୍ଲ ଦାସ ବିହନ ଅଭାବ ଭଳି ନାନା ସମସ୍ୟା ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏ ସମ୍ପର୍କରେ ଖଇରା ସହକାରୀ କୃଷି ଅଧିକାରୀ ବାସୁଦେବ ଶତପଥୀଙ୍କୁ ପଚାରିବାରୁ ବହୁ ସମିତିକୁ ଅଧିକ ବିହନ ଉଠାଇବାକୁ ତାଗିଦ କରାଯାଇଛି। ଏହା ସତ୍ତ୍ୱେ ସମିତିଗୁଡ଼ିକ ବିହନ ଉଠାଉ ନାହାନ୍ତି। ଭଦ୍ରକ ସହକାରୀ ନିବନ୍ଧକ ଶଶିବାଳା ମହାପାତ୍ର କହିଛନ୍ତି, ସମିତିରେ ସମ୍ପାଦକ ନ ଥିବା ଆଳରେ ଧାନ ବିହନ ଉଠା ନ ଯିବାର କୌଣସି କାରଣ ନାହିଁ। ସମସ୍ତ ସମିତି କିଭଳି ବିହନ ଆଣିବେ ସେଥିଲାଗି ବ୍ୟବସ୍ଥା କରାଯାଉଥିବା କହିଛନ୍ତି।

- ■ ଆବଶ୍ୟକ ୨ହଜାର କୁଇଣ୍ଟାଲ, ଆସିଛି ୫୦୮ କୁଇଣ୍ଟାଲ
- ■ କେତେକ ସମିତି ନାନା ଆଳ ଦେଖାଇ ଆଣୁନାହାନ୍ତି ବିହନ
- ■ ଧାନ ବୁଣା ସମୟ ଗଡ଼ି ଯାଉଥିବାରୁ ଚିନ୍ତାରେ ଚାଷୀ

## ସଂକ୍ଷେପରେ

### ଗୁଣି ଗାରେଡ଼ି ସନ୍ଦେହରେ କକାଙ୍କୁ ଆକ୍ରମଣ ଅଭିଯୋଗ

ପାଟଣା,୧୯।୬(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ଥାନା ଏରେଣ୍ଡେଇ ପଞ୍ଚାୟତ ଗିଲିରିଦ୍ରୁମା ଗ୍ରାମରେ ଗତ ଶନିବାର ଚୈତନ୍ୟ ସୋରେନଙ୍କୁ ତାଙ୍କ ତିନି ପୁତୁରା ଗୁଣିଗାରେଡି ସନ୍ଦେହରେ ମାରଣାସ୍ତ୍ରରେ ଆକ୍ରମଣ କରିଥିବା ମଙ୍ଗଳବାର ପାଟଣା ଥାନାରେ ଅଭିଯୋଗ ହୋଇଛି। ଏନେଇ ଥାନାରେ ମାମଲା (ନଂ. ୭୨/୧୯) ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଏଏସଆଇ ସୁଧାଂଶୁ ଶେଖର ଜେନା କହିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ଚୈତନ୍ୟଙ୍କ ବଡ଼ଭାଇ ସିଲୁ ମାଝୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହୁନାହିଁ ଏଥିପାଇଁ ସେ ଗୁଣି ଗାରେଡି କରୁଛନ୍ତି ବୋଲି ସନ୍ଦେହ କରି ବଡ଼ଭାଇଙ୍କ ପୁଅ ରଘୁ ମାଝୀ, ସୁନା ମାଝୀ ଓ ମଙ୍ଗଳ ମାଝୀ ଗତ ଶନିବାର ଚୈତନ୍ୟଙ୍କ ଉପରେ ଆକ୍ରମଣ କରିଥିଲେ । ଏଥିନେଇ ସୋମବାର ଗ୍ରାମ ସଭା ଡକାଯାଇଥିଲେ ହେଁ ଏହାର କୌଣସି ସମାଧାନ ନ ହେବାରୁ ଚୈତନ୍ୟ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ମଙ୍ଗଳଙ୍କୁ ଗିରଫ କରିଥିବାବେଳେ ଅନ୍ୟ ୨ ଭାଇ ଫେରାର ଥିବା ପୋଲିସ ସୂତ୍ରରୁ ପ୍ରକାଶ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଜୀବନରେଖା ଏବେ ମରଣଯନ୍ତା

- ଅଧାପନ୍ତିଆ କାମ ଯୋଗୁ ଘଟୁଛି ଅଧିକ ଦୁର୍ଘଟଣା
- କାମ ସରିବା ଆଗରୁ ଟୋଲ୍ ଆଦାୟରେ ବ୍ୟସ୍ତ ବିଭାଗ

କେନ୍ଦୁଝର, ୧୯।୬ (ସ୍ୱ.ପ୍ର.)

କେନ୍ଦୁଝର ଜିଲାର ଲାଇଫଲାଇନ କୁହାଯାଉଥିବା ୨୦ ନମ୍ବର ଜାତୀୟ ରାଜପଥ ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି। ଏହାକୁ ଜିଲାର 'ଜୀବନ ରେଖା' କୁହାଯାଉଥିବା ବେଳେ ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ଧନଜୀବନ ହାନୀର କାରଣ ସାଜିଛି। ମୃତ୍ୟୁଯନ୍ତା ପାଲଟିଥିବା ରାଜପଥ ସମସ୍ୟା ପ୍ରତି କାହାରି ନଜର ନ ଥିବା କୁହାଯାଉଛି। ଏହି ଜାତୀୟ ରାଜପଥକୁ ୪ ଲେନ ବିଶିଷ୍ଟ କରାଯାଇଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ କାମ ଅଧପନ୍ତରିଆ ହୋଇ ପଡ଼ିରହିଛି। ଏସବୁ ସ୍ଥାନରେ ସର୍ବଦା ଦୁର୍ଘଟଣା ଘଟୁଥିଲେ ମଧ୍ୟ କାମ ଶେଷ କରାଯାଉନାହିଁ । ବିଭାଗୀୟ ଅଧିକାରୀ ରାସ୍ତାରେ ଏକାଧିକ ସ୍ଥାନରେ ଟୋଲ ଗେଟ୍ ବସାଇ ଅର୍ଥ ଆଦାୟରେ ବ୍ୟସ୍ତ ରହୁଥିବା ଲକ୍ଷ୍ୟ କରାଯାଉଛି। ପାଣିକୋଇଲି ଠାରୁ ରିମୁଳି ପର୍ଯ୍ୟନ୍ତ ଏବଂ କେନ୍ଦୁଝରଠାରୁ ଆନନ୍ଦପୁର ପର୍ଯ୍ୟନ୍ତ ଅନେକ ସ୍ଥାନରେ ପୋଲ ଓ ରାସ୍ତା କାମ ଶେଷ ହୋଇନାହିଁ। ଫଳରେ ସମସ୍ତ ଗାଡି ସେଠାରେ ଗୋଟିଏ ପାର୍ଶ୍ୱ ରାସ୍ତା ଦେଇ ଯିବାଆସିବା କରୁଛି । ଗତ ଏପ୍ରିଲ ମାସ ସୁଦ୍ଧା ଜିଲାର ବିଭିନ୍ନ ରାସ୍ତାରେ ୫୬ଟି ଦୁର୍ଘଟଣା ଘଟି ୩୦ ଜଣଙ୍କ ଜୀବନ ଯାଇଛି। ୩୨ ଜଣ ଗୁରୁତର ଓ ୫୯ ଜଣ ସାମାନ୍ୟ ଆହତ ହୋଇଛନ୍ତି। ତନ୍ମଧ୍ୟରୁ ୨୦ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା ଅଧିକ ଘଟିଥିବା ବିଭାଗ ପକ୍ଷରୁ କୁହାଯାଉଛି । ଛୋଟ ଛୋଟ ଦୁର୍ଘଟଣାକୁ ନେଇ ପୋଲିସ ମକଦ୍ଦମା କରୁ ନ ଥିବାରୁ ଏହାର ବାସ୍ତବ ଚିତ୍ର ଲୋକଲୋଚନକୁ ଆସିପାରୁନାହିଁ।

ଅନ୍ୟପକ୍ଷେ ରାସ୍ତା ସମ୍ପ୍ରସାରଣ ବେଳେ ଏହା ପାର୍ଶ୍ୱରେ ଥିବା ରାଜାରାଜୁଡା ଅମଳର ବହୁ ଆମ୍ବ, ଜାମୁ, ନିମ୍ବ, ବର, ଅଶ୍ୱତଥ ଗଛ ସମେତ ଜଙ୍ଗଲ ଜମିରୁ ଗଛ କଟାଯାଉଛି। ସେହି ତୁଳନାରେ ରାସ୍ତା କଡରେ ବୃକ୍ଷ ରୋପଣ କାର୍ଯ୍ୟ କରାଯାଉ ନାହିଁ । ଜାତୀୟ ରାଜପଥ ପାର୍ଶ୍ୱ ଏକ ପ୍ରକାର ଗଛ ବିନା ଛାୟା ଶୂନ୍ୟ ହୋଇପଡିଥିବାରୁ ଯାତ୍ରୀମାନେ ହଇରାଣ ହେଉଛନ୍ତି। ଏପରିସ୍ଥଳେ ବସ୍‌ଷ୍ଟପଗୁଡ଼ିକରେ ବିଶ୍ରାମସ୍ଥଳୀ ମଧ୍ୟ ନିର୍ମାଣ କରାଯା ଇ ନାହିଁ। । ଯାତ୍ରୀମାନେ ଖରା ଓ ବର୍ଷାରେ ରାସ୍ତାକଡରେ ଠିଆ ହୋଇ ବସକୁ ଅପେକ୍ଷା କରିବାକୁ ବାଧ ହେଉଛନ୍ତି। ନବନିର୍ମିତ ରାସ୍ତା ପାର୍ଶ୍ୱ ଅନେକ ସ୍ଥାନରେ ଦବି ଯାଇଥିବା ଦେଖିବାକୁ ମିଳୁଛି। ଏ ନେଇ ପଥଚାରୀଙ୍କ ଲାଗି ରାସ୍ତାପାର୍ଶ୍ୱ ଅସୁରକ୍ଷିତ ହୋଇପଡିଛି। ସେହିପରି ବାଲିଆଗୁଡା (କେନ୍ଦୁଝର), ରାଇସୁଆଁ, ପଦ୍ମପୁର, ଢେଙ୍କିକୋଟ, ଶାଳପଡା ଆଦି ସ୍ଥାନରେ ନିର୍ମାଣ ହୋଇଥିବା ଅଣ୍ଡରପାସ ଓ ସର୍ଭିସ ରୋଡର ଅବସ୍ଥା ଶୋଚନୀୟ ହୋଇ ପଡିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ମରାମତି କାମ ହେଉ ନ ଥିବାରୁ ରାସ୍ତାରେ ବଡ ବଡ ଖାଲଖମା ସୃଷ୍ଟି ହୋଇ ଦୁର୍ଗମ ହୋଇପଡିଛି। ସାମାନ୍ୟ ବର୍ଷା ହେଲେ ଲୋକେ ଯିବା ଆସିବାରେ ସମସ୍ୟା ଭୋଗୁଛନ୍ତି। ମାଧପୁର (କେନ୍ଦୁଝର) ସହର ର ବାସିନ୍ଦା ପ୍ରଦିପ ମହାନ୍ତି କହିଛନ୍ତି। ଅନ୍ୟପକ୍ଷେ ରାସ୍ତା ନିର୍ମାଣ ଶେଷ ନ ହେବା ଆଗରୁ ଟୋଲ ଆଦାୟ କରାଯିବା ନେଇ ଏଠାରେ ବହୁ ବାର ଆନ୍ଦୋଳନ କରାଯାଇଛି। ହେଲେ ଏକଥା କେହି ଶୁଣୁ ନାହାନ୍ତି। ଏ ନେଇ ନ୍ୟାୟାଳୟ ଦ୍ୱାରସ୍ଥ ହେବା ଏକମାତ୍ର ପନ୍ଥା ବୋଲି କହିଛନ୍ତି, ଆଇନଜୀବୀ ସନ୍ତୋଷ ସାହୁ । ଯୁବ ଓ ଶ୍ରମ ବିକାଶ ମଞ୍ଚର ସାଧାରଣ ସମ୍ପାଦକ ନବୀନ ପଲେଇ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ରାସ୍ତା, ପୋଲ ଓ ସର୍ଭିସ ରୋଡ ନିର୍ମାଣ କାମ ଶେଷ କରିବାରେ ଅଯଥା ବିଳମ୍ବ କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏଥିଲାଗି ଅନେକ ସଡ଼କ ଦୁର୍ଘଟଣା ଘଟୁଛି।


ବାଲିଆଗୋଡା ସର୍ଭିସ ରୋଡ ରାସ୍ତାର ଦୁରବସ୍ଥା।

## ■ ଅନଶନ ସ୍ଥଳରେ ଲାଗିଲା ୧୪୪ ଧାରା

# ଅନଶନକାରୀଙ୍କୁ ଉଠାଇନେଲା ପୋଲିସ



ଥାନାକୁ ଅନଶନକାରୀଙ୍କୁ ଆଲୋଚନା ପାଇଁ ଡକାଯାଇଛି।

ଚମ୍ପୁଆ, ୧୯।୬(ଡି.ଏନ.ଏ.)

ଚମ୍ପୁଆ ଉପଖଣ୍ଡର ଦୁବୁନା ବଡକାଳିମାଟି ଅଞ୍ଚଳବାସୀ ଏସ.ଆର କମ୍ପାନୀର ମନମାନୀ ବିରୋଧରେ ଉପଜିଲାପାଳ କାର୍ଯ୍ୟାଳୟ ଆଗରେ ୩ ଦିନ ଧରି କରିଥିବା ଆମରଣ ଅନଶନ ସ୍ଥାନରେ ଗତ ମଙ୍ଗଳବାର ରାତି ସାଢେଟାରେ ୧୪୪ ଧାରା ଲାଗୁକରାଯାଇଥିଲା। ଉପଖଣ୍ଡ ଚିକିତ୍ସାଳୟରେ ଏକ ଡାକ୍ତରୀ ଦଳ ଘଟଣା ସ୍ଥଳରେ ପହଞ୍ଚି ଅନଶନ କାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସହକାରୀ ଜିଲାପାଳ ସପନ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ଅନଶନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଅନଶନରୁ ଉଠିବେନାହିଁ ବୋଲି ଗ୍ରାମବାସୀ ସୂଚନା ଦେଇଥିଲେ। ଗୁରୁବାର ପୂର୍ବାହ୍ନ ୧୧ଟାରେ ମାଜଷ୍ଟ୍ରେଟ ତଥା ଚମ୍ପୁଆ ତହସିଲଦାର ଆଲୋକ କୁମାର ପଟେଲଙ୍କ ନିର୍ଦ୍ଦେଶରେ ଚମ୍ପୁଆ ପୋଲିସ ଅନଶନକାରୀଙ୍କୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରୁ ଉଠାଇନେଇଥିଲେ। ଏହି ଅନଶନ ଯୋଗୁଁ ହେମଲତା ନାଏକ ଓ ବୈଷ୍ଣବୀ ମୁଣ୍ଡା ଗୁରୁତର ଅସୁସ୍ଥ ହେବାରୁ ତାଙ୍କୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସୂଚନା ଯୋଗ୍ୟକି ଏସ.ଆର କମ୍ପାନୀ ସ୍ଥାନୀୟ ଅଞ୍ଚଳର ଉନ୍ନତି, ନିଯୁକ୍ତି,ପାନୀୟ ଜଳ, ରାସ୍ତା ଘାଟ ଓ ଶିକ୍ଷା ଆଦିର ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଥିବାରୁ ପୂର୍ବରୁ ଏ ନେଇ ବଡକାଳିମାଟି ବାସୀମାନେ ଆନ୍ଦୋଳନ ଆରମ୍ଭ କରିଥିଲେ। ପ୍ରଶାସନିକ ହସ୍ତକ୍ଷେପ ପରେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଏହି ଆମରଣ ଅନଶନ ଆରମ୍ଭ ହୋଇଥିଲା।

# ସରକାରୀ ପୁସ୍ତକ ବିକ୍ରି କରିବାକୁ ଚକ୍ରାନ୍ତ, ଧରିଲେ ଗ୍ରାମବାସୀ

ଯୋଡ଼ା, ୧୯।୬(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅନ୍ତର୍ଗତ ବାସୁଦେବପୁର ଠାରେ ଥିବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ଥିବା ପାଠ୍ୟ ପୁସ୍ତକକୁ ବିକ୍ରି କରିବାକୁ ଚକ୍ରାନ୍ତ କରାଯାଉଥିବା ବେଳେ ଗ୍ରାମବାସୀ ଏହାକୁ ଧରିଥିବା କହିଛନ୍ତି। ବାସୁଦେବପୁର ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ସ୍କୁଲ ଛୁଟିର ସୁଯୋଗ ନେଇ ସୋମବାର ପ୍ରାୟ ୧ଟାରେ ଉକ୍ତ ବିଦ୍ୟାଳୟର ଛାତ୍ରୀମାନଙ୍କ ପାଇଁ ଥିବା ନବମ ଓ ଦଶମ ଶ୍ରେଣୀ ପୁରୁଣା ପାଠ୍ୟପୁସ୍ତକ ଓ ଅନ୍ୟାନ୍ୟ କାଗଜପତ୍ରକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଅନୁପସ୍ଥିତିରେ ଜଣେ ସହକାରୀ ଶିକ୍ଷକ ଏକ ପିକଅପ ଭ୍ୟାନରେ ବୋଝେଇ କରି ବିକି ଦେବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଗ୍ରାମବାସୀ ଜାଣିପାରି ବିଦ୍ୟାଳୟକୁ ଯାଇ ସମସ୍ତ ପୁସ୍ତକକୁ ଗାଡ଼ିରୁ ଓହ୍ଲାଇଦେଇଥିଲେ । ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିବା ଗ୍ରାମର ଜିତେନ ମୁଣ୍ଡା, ମଙ୍ଗୁଲୁ ମୁଣ୍ଡା, ରାଜ ବାରିକ,ଚନ୍ଦ୍ର ଲୋହାର ପ୍ରମୁଖ କହିଛନ୍ତି। ସେମାନେ ଏ ନେଇ ବିଦ୍ୟାଳୟର ସହକାରୀ ଶିକ୍ଷକ ପନ୍ଦର୍ପ ନାଏକଙ୍କୁ କହିବାରୁ ସେ ଏ ବାବଦରେ ସ୍କୁଲ ପରିଚାଳନା କମିଟି ସହିତ ବୈଠକ କରି ବିକ୍ରୟ କରୁଥିବା ଗ୍ରାମବାସୀଙ୍କୁ କହିଥିଲେ। ମାତ୍ର ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିମ୍ବା ସ୍କୁଲ ପରିଚାଳନା କମିଟି ସଭାପତି ଓ ଅନ୍ୟ ସଦସ୍ୟଙ୍କୁ ଜଣାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କେଉଁ ସ୍ୱାର୍ଥ ନେଇ ଏହି କାର୍ଯ୍ୟ କରାଯାଉଥିଲା ଏବଂ କାହା ନିର୍ଦ୍ଦେଶରେ ଏହା କରାଯାଉଥିଲା ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ସେମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି। ଏ ସମ୍ପର୍କରେ ଚମ୍ପୁଆ ଅତିରିକ୍ତ ଜିଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଜୟ କୁମାର ଗିରିଙ୍କୁ ପଚାରିବାରୁଏ ନେଇ ତାଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍କୁଲ ଛୁଟି ଅଛି ଓ ସ୍କୁଲର ପ୍ରଧାନ ଶିକ୍ଷକ ମଧ୍ୟ ଛୁଟିରେ ଅଛନ୍ତି। ତେବେ ସ୍କୁଲ ଛୁଟିଥିବାବେଳେ ଏପରି କାର୍ଯ୍ୟ କିଏ କରିଛି, ଏହା ସ୍କୁଲ ଖୋଲିଲେ ତଦନ୍ତ କରାଯିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।



ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର ହୋଇଥିବା ପୁସ୍ତକ।

## ମୋବାଇଲ ଚୋରି, ଅଭିଯୁକ୍ତ ଗିରଫ

ଯୋଡ଼ା, ୧୯।୬(ଡି.ଏନ.ଏ.)

ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ପୋଲିସ ମୋବାଇଲ ଚୋରି କରିଥିବା ସତିନାଥ ପାତ୍ରଙ୍କୁ ଗିରଫ କରିଛି। ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ବିଶ୍ୱାଳଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୧୭ ତାରିଖ ରାତି ପ୍ରାୟ ୧୦ଟାରେ କମାରଯୋଡ଼ା ଅଞ୍ଚଳର ସତିନାଥ ବିଲେଇପଦାର ଭରତ ଖୁଣ୍ଟିଆଙ୍କଠାରୁ ମୋବାଇଲ ଫୋନ ଛଡ଼ାଇନେଇ ଫେରାର ହୋଇଯାଇଥିବା ନେଇ ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗ ପରେ ତଦନ୍ତ ଜାରି ରଖି ମଙ୍ଗଳବାର ରାତିରେ ଅଭିଯୁକ୍ତ ସତିନାଥଙ୍କୁ ଗିରଫ କରିଥିଲା। ଏ ନେଇ ଏକ ମାମଲା (ନଂ. ୯୯/୧୯) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ଜରାଜୀର୍ଣ୍ଣ ସ୍ଥିତିରେ ସରକାରୀ କ୍ୱାର୍ଟର୍ସ

- ମରାମତି ପାଇଁ ଖର୍ଚ୍ଚ ହେଉଛି ଲକ୍ଷ ଲକ୍ଷ ଟଙ୍କା
- ମୁହଁ ଫେରାଉଛନ୍ତି କର୍ମଚାରୀ

ଆନନ୍ଦପୁର,୧୯।୬(ସ୍ୱ.ପ୍ର.)

ଆନନ୍ଦପୁର ସଦରମହକୁମାରେ ରହିଛି ପଞ୍ଚାୟତ ସମିତି କାର୍ଯ୍ୟାଳୟ। ୧୯୫୭ ମସିହାରୁ ସ୍ଥାପିତ ଏହି କାର୍ଯ୍ୟାଳୟ ବହୁ ପୁରାତନ ହୋଇଥିଲେ ସୁଦ୍ଧା କର୍ମଚାରୀଙ୍କ ରହିବା ପାଇଁ ଆବଶ୍ୟକ କ୍ୱାର୍ଟର ଅଭାବ ଲାଗିରହିଛି। ଯେଉଁ କେତୋଟି ୬୦ ବର୍ଷ ତଳର ପୁରୁଣା କ୍ୱାର୍ଟର ରହିଛି ତାହା ପ୍ରାୟ ସମୟରେ ମରାମତି କରାଯାଇ ଅଯଥାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଉଛି। ହେଲେ ଏଗୁଡିକ ବାସୋପଯୋଗୀ ହୋଇପାରୁନି। କି ଖରା କି ବର୍ଷା ଏହି କ୍ୱାର୍ଟର ଗୁଡିକରେ ରହୁଥିବା କର୍ମଚାରୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ପରଲକ୍ଷିତ ହୋଇଛି। ଏଥିପାଇଁ ଅଧିକାଂଶ କର୍ମଚାରୀ ବହୁ ଦୂରଦୁରାନ୍ତରୁ ହେଡ କ୍ୱାର୍ଟର୍ସରେ ରହିବା ପରିବର୍ତ୍ତେ ଯିବା ଆସିବା କରିବାକୁ ଶ୍ରେୟ ମଣୁଛନ୍ତି। ଫଳରେ ଜରୁରୀକାଳୀନ ସମୟରେ ଠିକଣା ସମୟରେ କର୍ମଚାରୀମାନେ ଉପସ୍ଥିତ ରହିପାରୁ ନ ଥିବା ଦେଖାଯାଇଛି। ସରକାର ପଞ୍ଚାୟତ ସମିତି ଜରିଆରେ ବିଭିନ୍ନ ଯୋଜନା ମାଧ୍ୟମରେ ସାଧାରଣ ଲୋକଙ୍କୁ ଅନେକ ସୁବିଧା ସୁଯୋଗ ଯୋଗାଇ ଦେଇଆସୁଛନ୍ତି। ହେଲେ ପଞ୍ଚାୟତ ସମିତିର କାର୍ଯ୍ୟ ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କ ପାଇଁ ରହିବାର ସୁବିଧା କରା ନ ଯିବା ପରିତାପର ବିଷୟ ସାଜିଛି। ଆନନ୍ଦପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ କାର୍ଯ୍ୟକାରୀ ହେବା ପରଠାରୁ ଯେଉଁ କେତେକ କ୍ୱାର୍ଟର୍ସ କର୍ମଚାରୀଙ୍କ ପାଇଁ ନିର୍ମିତ ହୋଇଥିଲା ସେଗୁଡିକୁ ଖାଲି ମରାମତି କରାଯାଉଛି। ହେଲେ ନୂତନ କ୍ୱାଟର ନିର୍ମାଣ ଦିଗରେ ଅଦ୍ୟାବଧି କୌଣସି ବି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଠାରୁ ଆରମ୍ଭ କରି ବିଭିନ୍ନ ଆବାସ ଯୋଜନା ଗୁଡିକ କାର୍ଯ୍ୟକାରୀ କରିବା ଦାୟିତ୍ୱ ବ୍ଲକ କାର୍ଯ୍ୟାଳୟର ରହିଥିବାବେଳେ ଖୋଦ ବ୍ଲକ ପରିସରରେ କର୍ମଚାରୀଙ୍କ ରହିବା ନିମନ୍ତେ ନୂତନ କ୍ୱାର୍ଟର ନିର୍ମାଣ କରିବା ଦିଗରେ ପଦକ୍ଷେପ ନିଆଯାଉନାହିଁ।ଆନନ୍ଦପୁର ପଞ୍ଚାୟତ ସମିତିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପ୍ରଭାବିତ ହେଉଛି କହିବା ଅତ୍ୟୁକ୍ତି ହେବନାହିଁ।

# ବାହାଘର ଦିନ ନାବାଳିକାଙ୍କୁ ଉଦ୍ଧାରକଲା ଶିଶୁ ମଙ୍ଗଳ କମିଟି

ଚମ୍ପୁଆ, ୧୯।୬ (ଡି.ଏନ.ଏ)

ଚମ୍ପୁଆ ବ୍ଲକ କୋଦଗାଡିଆ ଅଞ୍ଚଳରେ ବୁଧବାର ବାହାଘର ଦିନ ଜଣେ ନାବାଳିକାଙ୍କୁ ଶିଶୁ ମଙ୍ଗଳ କମିଟି ଉଦ୍ଧାର କରିଛି। ନାବାଳିକାଙ୍କ ବାପାଙ୍କ ଲିଖିତ ପ୍ରତିଶ୍ରୁତି ପରେ କମିଟି ଉଦ୍ଧାର କନ୍ୟାଙ୍କୁ ତାଙ୍କ ଜିମାରେ ଛାଡ଼ିଥିବା ଜଣାଯାଇଛି। ଶିଶୁ ମଙ୍ଗଳ କମିଟି ପକ୍ଷରୁ ମାଧୁରୀବାଳା ସ୍ୱାଇଁ, ଦମୟନ୍ତୀ ମହାନ୍ତ, ଜଗଦୀଶ କାରୁଆ, ଅଙ୍ଗନୱାଡି ସୁପରଭାଇଜର ସୁନିତା ମହାନ୍ତ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ। ଏହି ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ୧୬ବର୍ଷର ଝିଅର ବାହାଘର ଶଙ୍କରପୁର ଗ୍ରାମରେ ସ୍ଥିର କରାଯାଇଥିଲା। ବୁଧବାର ବାହାଘର ପାଇଁ ସମସ୍ତ ଯୋଗାଡ଼ କରାଯାଇଥିଲା। ଝିଅର ବିବାହ ବୟସ ହୋଇ ନ ଥିବା ଶିଶୁ ମଙ୍ଗଳ କମିଟି କୌଣସି ସୁତ୍ରରୁ ଖବର ପାଇ ଚମ୍ପୁଆ ପୋଲିସ ସହାୟତାରେ ନାବାଳିକାଙ୍କ ଘରେ ପହଞ୍ଚି ବାହାଘର ବନ୍ଦ କରିବାକୁ ପରାମର୍ଶ ଦେଇଥିଲା। ବାହାଘର ଲାଗି ସମସ୍ତ ଆୟୋଜନ କରାଯାଇ ଥିବାରୁ ନାବାଳିକାଙ୍କ ବାପା ପ୍ରଥମେ ଅମଙ୍ଗ ହୋଇଥିଲେ। ପରେ ପୋଲିସ ଏଏସ୍‌ଆଇ ସୁବାସ ବେହେରା ନାବାଳିକା ବିବାହ ଏକ ଦଣ୍ଡନୀୟ ଅପରାଧ କହିବାରୁ ସେ ଝିଅର ବିବାହ ବନ୍ଦ କରିଥିଲେ। ୧୮ ବର୍ଷ ନ ହେବା ପର୍ଯ୍ୟନ୍ତ ଝିଅର ବିବାହ କରିବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଶିଶୁ ମଙ୍ଗଳ କମିଟି ନାବାଳିକାଙ୍କୁ ତାଙ୍କ ଜିମାରେ ଛାଡ଼ିଥିଲା।

# ଚମ୍ପୁଆରେ ଅଗ୍ନିଶମ ବିଭାଗର ତାଲିମ

ଚମ୍ପୁଆ, ୧୯।୬ (ଡି.ଏନ.ଏ)

ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ସକାଳେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ଚୂଡ଼ାନ୍ତ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ରମଣୀ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଡିଓ ନୂପୁର ଚାନ୍ଦଗୋଟିଆ, ଏବିଡିଓ ଶରତ ଚନ୍ଦ୍ର ବାରିକ, ଜିଲାପରିଷଦ ମାନସ ରଞ୍ଜନ ବେହେରା, ଏପିଓ ପୂର୍ଣ୍ଣଚନ୍ଦ୍ର ନାଏକଙ୍କ ସମେତ ସରପଞ୍ଚ, ସମିତିସଭ୍ୟା, ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ। ଅଗ୍ନିଶମ ବିଭାଗ ପକ୍ଷରୁ ବିପର୍ଯ୍ୟୟ ସମୟରେ କିପରି ଏବଂ କେଉଁ କୌଶଳ ଦ୍ୱାରା ମୁକାବିଲା କରାଯାଇପାରିବ ସେ ସମ୍ପର୍କରେ ସୂଚନା ପ୍ରଦାନ କରାଯିବା ସହ କୌଶଳ ପ୍ରଦର୍ଶନ କରାଯାଇଥିଲା। ବିଶେଷକରି ରନ୍ଧନ ଗ୍ୟାସ ଯୋଗୁ ହେଉଥିବା ଦୁର୍ଘଟଣାକୁ କିପରି ଏଡ଼ାଇ ଯାଇପାରିବ ସେ ସମ୍ବନ୍ଧରେ ଉପସ୍ଥିତ ଅଙ୍ଗନୱାଡି ଓ ଆଶାକର୍ମୀମାନଙ୍କୁ ଅବଗତ କରାଯାଇଥିଲା। ଅଗ୍ନିଶମ ବିଭାଗ ଅଧିକାରୀ ମୃତ୍ୟୁଞ୍ଜୟ ସିଂଙ୍କ ତତ୍ତ୍ୱାବଧାନରେ କର୍ମଚାରୀମାନେ ଏହି କୌଶଳ ପ୍ରଦର୍ଶନ କରିଥିଲେ।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରଶିକ୍ଷଣ


ପାଟଣା ବ୍ଲକ କାର୍ଯ୍ୟାଳୟରେ ଅଗ୍ନିଶମ ବିଭାଗ ପକ୍ଷରୁ କୌଶଳ ଶିକ୍ଷା।

ପାଟଣା,୧୯।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ କାର୍ଯ୍ୟାଳୟ ପରିସର ରେ ବୁଧବାର ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମକ ଡ୍ରିଲ ହୋଇଥିଲା। ଅଗ୍ନିଶମ ବିଭାଗ ଷ୍ଟେସନ ପରିଚାଳକ ମନୋରଞ୍ଜନ ମହାନ୍ତ ଙ୍କ ନେତୃତ୍ୱ ରେ କର୍ମଚାରୀ ମାନେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ଉଦ୍ଧାର କାର୍ଯ୍ୟ ସହ ନିଜକୁ ସୁରକ୍ଷିତ ରଖିହେବ ସେଥିନେଇ ବିଭିନ୍ନ ପ୍ରଶିକ୍ଷଣ ବ୍ଲକ କର୍ମଚାରୀଙ୍କୁ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଜିଲା ପରିଷଦ ସଭ୍ୟ ସୁରେଶ ଚନ୍ଦ୍ର ନାଏକ,ବିଡ଼ିଓ ପ୍ରଫୁଲ୍ଲ କୁମାର ନାଏକ,ଜିପିଓ ରଶ୍ମିରେଖା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅଗ୍ନିଶମ ବିଭାଗ ପକ୍ଷରୁ ସୁଶାନ୍ତ ନାୟକ,ଚନ୍ଦ୍ରରାଇ ସୋରେନ, ଦେବେନ୍ଦ୍ର ମହାନ୍ତ, ଜତୀନ୍ଦ୍ର ଭୋଇ ଓ ସୁମନ୍ତ ସାମଲ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ଦେଇଥିଲେ।

## ବ୍ଲକ ସ୍ତରୀୟ ମକ୍‌ଡ୍ରିଲ୍

ଆନନ୍ଦପୁର,୧୯।୬(ସ୍ୱ.ପ୍ର.)

ପଞ୍ଚାୟତ ସମିତି ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସୌଜନ୍ୟରୁ ଆନନ୍ଦପୁର ଅଗ୍ନିଶମ ବିଭାଗ ଦ୍ୱାରା ବ୍ଲକ ପରିସରରେ ବ୍ଲକ ସ୍ତରୀୟ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ଅଗ୍ନିଶମ ଅଧିକାରୀ ପ୍ରତାପ କୁମାର ସିଂହଙ୍କ ସଂଯୋଜନାରେ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କରିବାର ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ସମ୍ଭାବ୍ୟ ବନ୍ୟା ଓ ବାତ୍ୟାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଜରିଆରେ ଲୋକମାନଙ୍କୁ କିପରି ଓ କେଉଁ ଉପାୟରେ ଉଦ୍ଧାର କରାଯାଇପାରିବ ସେନେଇ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଥିଲା। ଏହାକୁ ଆନନ୍ଦପୁର ବିଡିଓ ଶୁଭ୍ରବାଳା ବେହେରା ସଂଯୋଜନା କରିଥିଲେ। ଆନନ୍ଦପୁର ବ୍ଲକ ଓ ପୌରପରିଷଦର ବିଜୁ ଯୁବ ବାହିନୀ ସଦସ୍ୟମାନେ ଉପସ୍ଥିତ ରହି ଅଗ୍ନିଶମ କର୍ମଚାରୀଙ୍କଠାରୁ ଉଦ୍ଧାର ପାଇଁ ବିଭିନ୍ନ କୌଶଳ ଶିଖିଥିଲେ। ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଏକ ସଭାର ଆୟୋଜନ କରାଯାଇ କୌଶଳ ସମ୍ବନ୍ଧୀୟ ପରାମର୍ଶ ପ୍ରଦାନ କରାଯାଇଥିଲା।

# ସମନ୍ୱୟ ରକ୍ଷା ପ୍ରତି ଗୁରୁତ୍ୱ

- ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଚିନ୍ତା
- ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍, ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ
- କୌଶଳ ଶିକ୍ଷା ଦ୍ୱାରା ଧନଜୀବନର ସୁରକ୍ଷା ସମ୍ଭବ


ବିପର୍ଯ୍ୟୟ ମୁକାବିଲା ପାଇଁ ତାଲିମ ଦିଆଯାଉଛି।

କେନ୍ଦୁଝର/ ଝୁମ୍ପୁରା, ୧୯।୬(ସ୍ୱ.ପ୍ର./ ଡି.ଏନ୍.ଏ.)

ବନ୍ୟାବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଦିଗରେ ସଚେତନତା ସୃଷ୍ଟି ଲାଗି ବୁଧବାର ଜିଲାସ୍ତରୀୟ ବାର୍ଷିକ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା। ଜିଲାର ସମସ୍ତ ବ୍ଲକ୍ ସଦରମହକୁମା ଏବଂ ୪ ବାତ୍ୟା ଆଶ୍ରୟସ୍ଥଳରେ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଏବଂ ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ୍ କରାଯାଇଥିଲା। ଲୋକେ ସଚେତନ ରହିଲେ, ବିପର୍ଯ୍ୟୟ ବେଳେ ଧନଜୀବନର ସୁରକ୍ଷା ସମ୍ଭବ। ଏଥିଲାଗି କୌଣସି ବିପର୍ଯ୍ୟୟର ମୁକାବିଲା ଲାଗି କୌଶଳ ଶିକ୍ଷାର ଆବଶ୍ୟକ ରହିଛି। ଆପାତକାଳୀନ ପରିସ୍ଥିତିରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ସାଙ୍ଗକୁ ସୂଚନା ପ୍ରସାରଣ ଲାଗି ସାଟେଲାଇଟ୍ ଫୋନ୍‌ର ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲାପାଳ ଡଃ ଭକ୍ତଚରଣ ପ୍ରଧାନ ମକ୍‌ଡ୍ରିଲ୍‌ର ଶୁଭାରମ୍ଭ କରି ଉଦ୍‌ବୋଧନ ଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କୌଶଳ ସମ୍ପର୍କରେ ସେ ଆଲୋକପାତ କରି ବଜ୍ରପାତ ଓ ସାପ କାମୁଡା ଭଳି ବିପର୍ଯ୍ୟୟକୁ କିପରି ମୁକାବିଲା କରାଯିବ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆପାତକାଳୀନ ଉପବିଭାଗର ସହକାରୀ ଜିଲାପାଳ ସୁରଞ୍ଜିକା ବେହେରା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସୂଚନା ପ୍ରସାରଣ, ପ୍ରାକ୍‌ପ୍ରସ୍ତୁତି, ଆଶ୍ରୟସ୍ଥଳ ପରିଚାଳନା ଏବଂ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ କହିଥିଲେ। ଅଗ୍ନିଶମ ଅଧିକାରୀ ଦିଲୀପ କୁମାର ବେହେରା ପ୍ରାକୃତିକ ବିପର୍ଯ୍ୟୟ ବେଳେ ଅଗ୍ନିଶମ ବିଭାଗ ତରଫରୁ କିପରି ପଦକ୍ଷେପ ନିଆଯାଇଥାଏ ତାହା ଉଲ୍ଲେଖ କରିଥିଲେ। ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ରେଡ୍‌କ୍ରସ୍ ଶାଖାର ଯୁଗ୍ମ ସମ୍ପାଦକ ଏ.ଆର୍ ଖାନ୍ ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ଜିଲା ପ୍ରକଳ୍ପ ଅଧିକାରୀ ମହେନ୍ଦ୍ର କୁମାର ସ୍ୱାଇଁ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଅଗ୍ନିଶମ ବିଭାଗ ତରଫରୁ ସେଠାରେ ବିଭିନ୍ନ ସଚେତନତା କାର୍ଯ୍ୟକମ କରାଯିବା ପରେ କେନ୍ଦୁଝର ଉପଜିଲାପାଳ ସୋମନାଥ ପ୍ରଧାନଙ୍କ ଉପସ୍ଥିତିରେ ପୁରୁଣାସହରର ମାଟିଆବନ୍ଧ ପୋଖରୀରେ ବୁଡି ଯାଉଥିବା ଲୋକଙ୍କୁ କିପରି ଉଦ୍ଧାର କରାଯାଇ ପାରିବ ତାହା ପ୍ରଦର୍ଶନ କରାଯାଇଥିଲା। ଆପାତକାଳୀନ ଉପବିଭାଗର କର୍ମଚାରୀ ପ୍ରଭାତେନ୍ଦୁ ନାଏକ, ଅଜୟ କୁମାର ମହାନ୍ତ, ମହାଶ୍ୱେତା ସାହୁ, ସନ୍ଦୀପ ପଟ୍ଟନାୟକ, ଜୟଦେବ ତାମୁଡିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଆମ ଝୁମ୍ପୁରା ପ୍ରତିନିଧି ଜଣାଇଛନ୍ତି ଯେ, ସ୍ଥାନୀୟ ଅଗ୍ନିଶମ ସେବା କେନ୍ଦ୍ର ପକ୍ଷରୁ ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁରୂପ ସଚେତନତା କାର୍ଯ୍ୟକ୍ରମରେ ମକ୍ ଡ୍ରିଲ କରାଯାଇଥିଲା। ଏଥିରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଏବଂ ପଞ୍ଚାୟତ ପ୍ରତିନିଧି, ବ୍ଲକ ଏବଂ ତହସିଲ କାର୍ଯ୍ୟାଳୟର କେତେକ ଅଧିକାରୀ ଯୋଗ ଦେଇଥିଲେ। ଅଗ୍ନିଶମ ଅଧିକାରୀ ବି କେ ଦାସ ସମସ୍ତ ଆପତକାଳୀନ ବିପଦ ଓ ମନୁଷ୍ୟକୃତ ବିପଦ ସମ୍ପର୍କରେ ଆଲୋକପାତ କରିଥିଲେ। ୧୭ନଂ ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରା, ଅର୍ଶଳା ସରପଞ୍ଚ ପ୍ରସନ୍ନ ନାଏକ, ଖେଣ୍ଡରା ସରପଞ୍ଚ ଦର୍ଶନ ମୁଣ୍ଡା ପ୍ରମୁଖ ଆଲୋଚନାରେ ପ୍ରଶ୍ନ ପଚାରି ଭାଗ ନେଇଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଯୁବକଙ୍କ ଜୀବନ ଗଲା

**ଖୁଣ୍ଟା,୧୯।୬ (ଡି.ଏନ୍.ଏ.):** ଖୁଣ୍ଟା ଥାନା ଅଧିନ ବଡ଼ଖୁଣ୍ଟା ଗ୍ରାମରେ ବୁଧବାର ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଉକ୍ତ ଥାନା ଅଧିନ ଚତୁରୀଶିଳା ଗ୍ରାମର ଅମିନ ବେହେରାଙ୍କ ପୁଅ ବିଜୟ ବେହେରା (୩୫)। ସେ ଇଲେକ୍ଟ୍ରି ମରାମତି କାର୍ଯ୍ୟ କରି ଚଳି ଆସୁଥିବା ବେଳେ ବୁଧବାର ପୂର୍ବାହ୍ନରେ ବଡ଼ଖୁଣ୍ଟା ଗ୍ରାମକୁ ମରାମତି କାର୍ଯ୍ୟ ପାଇଁ ଯାଇଥିଲେ। ସେଠାରେ ମରାମତି କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ତଳେ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଖୁଣ୍ଟା ଓ ପରେ ବାରିପଦା ପିଆରଏମ ମେଡିକାଲ କଲେଜରେ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖୁଣ୍ଟା ପୋଲିସ ଏକ ମାମଲା (ନଂ.୨୮/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

### ମହିଳାଙ୍କ ଆତ୍ମହତ୍ୟା

**ବହଳଦା,୧୯।୬(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ତିରିଂ ଥାନା ଅନ୍ତର୍ଗତ ଓଲିଡିହି ବାଡୁସାହିର ଜଣେ ବିବାହିତା ମହିଳା ମଙ୍ଗଳବାର ରାତିରେ ଆତ୍ମହତ୍ୟା କରିଛନ୍ତି। ମୃତା ମହିଳା ଜଣକ ହେଲେ ହେମ ହେମ୍ବ୍ରମ୍‌ଙ୍କର ସ୍ତ୍ରୀ ଛିତା(୩୫)। ସେ ନିଜ ଘରେ ପିନ୍ଧା ଶାଢ଼ିକୁ ବେକରେ ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡିଛି। ବୁଧବାର ସକାଳେ ଥାନା ଆଇଆଇସି ସୁଦର୍ଶନ ଗାଙ୍ଗୋଇଙ୍କ ନେତୃତ୍ୱରେ ତିରିଂ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ପଠାଯାଇଛି । ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୧/୧୯) ରଜୁ କରିଛି । ମହିଳା ଜଣକ ବହଳଦାର ଏକ ଘରୋଇ ବିଦ୍ୟାଳୟରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାମ କରୁଥିଲେ। ଆତ୍ମହତ୍ୟାର କାରଣ ଜଣାପଡି ନ ଥିଲେ ମଧ ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି।

### ପାନୁଆ ବନ୍ଧରୁ ମୃତଦେହ ଉଦ୍ଧାର

**ବଡ଼ସାହି,୧୯।୬(ସ୍ୱ.ପ୍ର):** ମୟୂରଭଞ୍ଜ ଜିଲା ବଡ଼ସାହି ପୋଲିସ ବୁଧବାର ସକାଳେ ସ୍ଥାନୀୟ ପାନୁଆ ବନ୍ଧରେ ଭାସୁଥିବା ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହକୁ ଉଦ୍ଧାର କରିଛି । ମୃତ ବ୍ୟକ୍ତିଙ୍କ ବୟସ ଆନୁମାନିକ ୬୦ ବର୍ଷ ହେବ । ଦେହରେ କେବଳ ନୀଳ ରଙ୍ଗର ଗଞ୍ଜି ପିନ୍ଧିଥିବା ବେଳେ ଅଣ୍ଟାରେ ଏକ ସୂତା ରହିଛି । ୨/୩ ଦିନ ତଳେ ଉକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଥାନା ଅଧିକାରୀ ଜୟନାରାୟଣ ଖଣ୍ଡାଇ କହିଛନ୍ତି। ଏଥିନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨୯/୧୯) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ସ୍ଥିତ ପିଆରଏମ ମେଡ଼ିକାଲକୁ ପଠାଯାଇଛି ।

### ବଜ୍ରପାତରେ ନାବାଳିକାଙ୍କ ମୃତ୍ୟୁ

**ବାରିପଦା ଅଫିସ,୧୯।୬:** ମୟୂରଭଞ୍ଜ ଜିଲା ମୋରଡା ବ୍ଲକ କୋହି ପଞ୍ଚାୟତ ଅଧୀନ ବଡମୁଣ୍ଡାବଣୀ ଗ୍ରାମରେ ବଜ୍ରପାତ ଯୋଗୁଁ ବୁଧବାର ସନ୍ଧ୍ୟାରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତା ନାବାଳିକା ହେଲେ ସେମିରାନ ଖାତୁନ। ସନ୍ଧ୍ୟାରେ ବର୍ଷା ହେଉଥିବା ବେଳେ ଘର ବାହାରେ ବନ୍ଧା ହୋଇଥିବା ଗାଈକୁ ସେମିରାନ ଗୁହାଳକୁ ନେଉଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

### ବିଶ୍ୱ ରକ୍ତଦାତା ଦିବସ ପାଳିତ

**ଭଦ୍ରକ ଅଫିସ, ୧୯।୬:** ଭଦ୍ରକ ଜିଲା ସ୍ୱେଚ୍ଛାକୃତ ରକ୍ତଦାତା ସଂଘ ଓ ରକ୍ତଭଣ୍ଡାରର ମିଳିତ ଆୟୋଜନରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ପ୍ରଥମ ରକ୍ତଦାତା ଭାବେ ପ୍ରମୋଦ ରାୟ ଓ ପ୍ରଥମ ମହିଳା ଭାବେ ଅର୍ପନା କାଡ୍ରୀ ରକ୍ତଦାନ କରିଥିଲେ। ୨୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ପ୍ରଦୀପ ଖୁଣ୍ଟିଆ, ଭଦ୍ରକ ରକ୍ତଭଣ୍ଡାରର ଡା. ବିମଳା ମିଶ୍ର ରକ୍ତଦାତାଙ୍କୁ ସ୍ୱାଗତ କରିଥିଲେ। ଜିଲା ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରବର୍ତ୍ତକ ସଂଘର ସମ୍ପାଦକ ଡା. ଶରତ ଆଚାର୍ଯ୍ୟ, ଅଜୟ ନାୟକ, ପବନ ଶର୍ମା, ସୁଧାକର ରାଉତ, ଅବିନାଶ ଜେନା ପରିଚାଳନା କରିଥିଲେ।

# ଦିଘି ନୂଆସାହି ଗାଁରେ ପହଞ୍ଚିଲେ ଡାକ୍ତରୀ ଦଳ



କିଡ୍‌ନୀ ରୋଗରେ ଆକ୍ରାନ୍ତ ଦୁଇ ବ୍ୟକ୍ତି ଓ ଗାଁରେ ଡାକ୍ତରୀ ଦଳର ଅନୁଧ୍ୟାନ।

**କୁଆମରା,୧୯।୬(ଡି.ଏନ.ଏ)**

ଆଦିବାସୀ ଅଧ୍ୟୁଷିତ ଗୋପବନ୍ଧୁ ନଗର ବ୍ଲକର ଜୟପୁର ପଞ୍ଚାୟତ ଅନ୍ତର୍ଗତ ଦିଘି ନୂଆସାହି ଗ୍ରାମର ୧୪ ଓ ୧୫ ନମ୍ବର ୱାର୍ଡରେ କିଡ୍‌ନୀ ରୋଗ ଆତଙ୍କ ଦେଖାଦେଇଛି। ଉଦଳା ଉପଖଣ୍ଡ ଚିକିତ୍ସା ଅଧିକାରୀ ଡକ୍ଟର ଶିବାନନ୍ଦ ମହାନ୍ତି, ବିପିଏମ ଅନୁଭବ ପଟ୍ଟନାୟକ, ଖୁଣ୍ଟା ଜନସ୍ୱାସ୍ଥ୍ୟ ଅଧିକାରୀ ମହେଶ୍ୱର ମଲ୍ଲିକ, ସୁପରଭାଇଜର ମହେନ୍ଦ୍ର ନାଥ ସେଠୀ ଓ କୃପାସିନ୍ଧୁ ସେଠୀ ବୁଧବାର ଗ୍ରାମର ଆକ୍ରାନ୍ତ ବ୍ୟକ୍ତିଙ୍କୁ ଭେଟି ରୋଗ ସଂପର୍କରେ ଅନୁଧ୍ୟାନ କରି ଫେରିଛନ୍ତି। ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ଯୋଗାଇ ଦିଆଯିବ ବୋଲି ଡାକ୍ତର ମହାନ୍ତି ପ୍ରକାଶ କରିଛନ୍ତି। ୨ ବର୍ଷ ମଧ୍ୟରେ ଏହି ଗ୍ରାମରେ ୫ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୦ ଜଣ ଚିକିତ୍ସିତ ହେଉଛନ୍ତି। ଏହି ୨ଟି ୱାର୍ଡରେ ପ୍ରାୟ ୧ ହଜାର ଲୋକ ବାସ କରୁଛନ୍ତି। କେବଳ କିଡ୍‌ନୀ ରୋଗ ନୁହେଁ ଏହି ଗ୍ରାମର ଶତାଧିକ ଲୋକ ଯକ୍ଷ୍ମା ରୋଗରେ ମଧ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ଗତ ମେ ୧୯ ଓ ୨୦ ତାରିଖରେ ଗ୍ରାମର ରୁହିଆ ସିଂ (୬୦) ଓ ଦୁଃଖର ସିଂ (୫୫)ଙ୍କର କିଡ୍‌ନୀ ରୋଗରେ ମୃତ୍ୟୁ ଘଟିଥିବା ବେଳେ ୫ ମାସ ତଳେ ସୁଦନ ସିଂ(୪୦), ଶୁକମଣି ସିଂ(୬୦) ଏବଂ ବର୍ଷକ ତଳେ ପରମେଶ୍ୱର ସିଂ(୪୦)ଙ୍କର ମୃତ୍ୟୁ ଘଟିଥିଲା। ନାଥ ସିଂ(୪୦) ଓ ସୁଦନ ସିଂ (୪୫) ଏହି ରୋଗରେ ଆକାନ୍ତ ହୋଇ ଶଯ୍ୟାଶାୟୀ ଥିବା ଜଣାପଡିଛି। ସେହିପରି ଚନ୍ଦ୍ର ମୋହନ ସିଂ (୫୫), ବବିତା ସିଂ (୪୫), ମଙ୍ଗୁଳି ସିଂ(୬୦), ରୁହିଆ ସିଂ (୬୦), ବିଦୁ ସିଂ(୬୦),

### କିଡ୍‌ନୀ ରୋଗ ଆତଙ୍କ

ଶୁକଦେବ ବେହେରା (୩୫), ପଣ୍ଡାରାମ ସିଂ(୪୦), ବାଲେ ସିଂ(୫୫) ପ୍ରମୁଖ କିଡ୍‌ନୀ ରୋଗରେ ଆକ୍ରାନ୍ତ ଅଛନ୍ତି। ଆକ୍ରାନ୍ତ ସମସ୍ତ ବ୍ୟକ୍ତି ଆଦିବାସୀ ସଂପ୍ରଦାୟର ହୋଇଥିବା ବେଳେ ଅତ୍ୟନ୍ତ ଗରିବ ଅଟନ୍ତି। ମୂଲ ମଜୁରି ଲାଗି ସେମାନେ ପରିବାର ପ୍ରତିପୋଷଣ କରୁଥିବାରୁ ଠିକ୍ ଭାବେ ଚିକିତ୍ସିତ ହୋଇପାରୁ ନାହାନ୍ତି। ସେମାନେ ଉଦଳା ଓ ବାଲେଶ୍ୱର ମେଡିକାଲରେ ପ୍ରାଥମିକ ଚିକିତ୍ସା ହେବା ପରେ ଅର୍ଥାଭାବରୁ ଏବେ କବିରାଜି ତଥା ଚେରମୂଳି ଔଷଧ ଖାଉଥିବା ପ୍ରକାଶ କରିଛନ୍ତି। ଆଉ କେତେକ ଗୁଣିଗାରେଡିରେ ବିଶ୍ୱାସ ରଖି ଚିକିତ୍ସିତ ହେଉଛନ୍ତି। ଚିକିତ୍ସା ପାଇଁ ସରକାରଙ୍କର ବିଭିନ୍ନ ଯୋଜନା ଏମାନଙ୍କ ପାଇଁ ସାତସପନ ପାଲଟିଥିବା ଅଭିଯୋଗ ହେଉଛି। ଉଲ୍ଲେଖଯୋଗ୍ୟ ଯେ, ୨ ମାସ ତଳେ ଏହି ବ୍ଲକର ପୁରୁଣା ବାରିପଦା ପଞ୍ଚାୟତର ମାଙ୍କଡକେଦା ଗ୍ରାମରେ ମଧ କିଡ୍‌ନୀ ରୋଗରେ ୧୦ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୯ ଜଣ ଚିକିତ୍ସିତ ହେଉଛନ୍ତି। ଆକ୍ରାନ୍ତ ପରିବାରମାନଙ୍କୁ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ପଞ୍ଚାୟତ ସମିତି ବୈଠକ

**ହାଟଡିହୀ, ୧୯।୬ (ସ୍ୱ.ପ୍ର./ଡି.ଏନ.ଏ.)**

ହାଟଡିହୀ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ସୁଲତା ବିଶ୍ୱାଳ ସଭାପତିତ୍ୱ ଓ ବିଡିଓ ସୁଶାନ୍ତ କୁମାର ବାରିକ ସଂଯୋଜନା କରିଥିଲେ। ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ବୈଠକରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟା ଜୟପ୍ରଦା ସା, ପ୍ରଣତି ଦେଓ, ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ନାଥ ଜେନା, କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁଙ୍କ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ବ୍ରହ୍ମ ପ୍ରମୁଖ ମଞ୍ଚାସୀନ ଥିଲେ।

ନବନିର୍ବାଚିତ ବିଧାୟକଙ୍କର ଏହା ଥିଲା ପ୍ରଥମ ପଞ୍ଚାୟତ ସମିତି ବୈଠକ। ହାଟଡିହୀ ବ୍ଲକକୁ ଦୁର୍ନୀତିମୁକ୍ତ, ସ୍ୱଚ୍ଛ ଓ ଜିଲାରେ ୧ ନମ୍ବର ବ୍ଲକରେ ପରିଣତ କରିବାକୁ ସେ ଆହ୍ୱାନ ଦେଇଥିଲେ। ପିସି ଉପରେ ଗୁରୁତ୍ୱ ନ ଦେଇ କାମ ଉପରେ ଗୁରୁତ୍ୱ ଦେବାକୁ ବିଧାୟକ ଉପସ୍ଥିତ ବ୍ଲକ କର୍ମଚାରୀଙ୍କୁ କହିଥିଲେ। ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହୋଇ ଯେଭଳି ଶତପ୍ରତିଶତ ସଫଳ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକର ସମସ୍ତ କର୍ମଚାରୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ। ଶେଷରେ ବିଡିଓ ବାରିକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# କୃତୀ ପ୍ରତିଯୋଗୀ, ପ୍ରତିଭାଙ୍କୁ ସମ୍ବର୍ଦ୍ଧନା



ସୋଧ ମହୋତ୍ସବରେ ପୁରସ୍କାର ପ୍ରଦାନ କରାଯାଉଛି ।

**ଧାମନଗର,୧୯।୬(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ରଜ ମହୋତ୍ସବ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ଦୋବଲ ପଞ୍ଚାୟତ ସୋଧ ଗ୍ରାମ ଧରମ ପଡିଆରେ ୩ଦିନ ଧରି ଆୟୋଜିତ ତୃତୀୟ ବାର୍ଷିକ ରଜ ମହୋତ୍ସବରେ ଦୋଳଖେଳା ସାଙ୍ଗକୁ ନୃତ୍ୟ,ସଂଗୀତ, ପୋଡ ପିଠା ତିଆରି, ପୁଚିଖେଳ ଆଦି ପ୍ରତିଯୋଗିତା କରାଯାଇଥିଲା। କମିଟି ପକ୍ଷରୁ ଆୟୋଜିତ ପୁରସ୍କାର ବିତରଣୀ ଏବଂ ସମ୍ବର୍ଦ୍ଧନା ସଭାରେ କୃତୀ ପ୍ରତିଯୋଗୀଙ୍କ ସମେତ ବିଭିନ୍ନ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା । ଏସ.ଏ.ଜେ. ନୋଡାଲ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖି ମାଟ୍ରିକ ପାସ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହା ସହିତ ସାମାଜିକ କର୍ମୀ ରମାକାନ୍ତ ପତି,ନିତ୍ୟାନନ୍ଦ ଦ୍ୱିବେଦୀ,କୃଷକ ବନ୍ଧୁ ପହଲି ସାହୁ ଏବଂ ବିନୋଦ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଭଟ୍ଟସାହି ଏବଂ ନଡିଆ ବାଗ ମିଳିତ ଯୁବ ମଞ୍ଚ ତରଫରୁ ଚଡକମରା ପଡିଆରେ ଅନୁଷ୍ଠି ରଜ ମହୋତ୍ସବ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମେଜର ଦୁଃଶାସନ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସୂର୍ଯ୍ୟକାନ୍ତ ବେହେରା ମୁଖ୍ୟଅତିଥ, ସଞ୍ଜୟ କୁମାର ମିଶ୍ର, ସମ୍ପାଦକ ରଶ୍ମିତା ନାୟକ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ ।

# ବିପର୍ଯ୍ୟୟ ମୁକାବିଲା ଲାଗି ପ୍ରସ୍ତୁତି ଲୋଡ଼ା

**ବାଲେଶ୍ୱର ଅଫିସ,୧୯।୬**



ବାଲେଶ୍ୱର ଜିଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଲାଗି ମକ୍ ଡ୍ରିଲ କରାଯାଉଛି।

ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସମେତ ବିଭିନ୍ନ ବ୍ଲକ କାର୍ଯ୍ୟାଳୟ ଏବଂ ଜିଲାର ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀରେ ବୁଧବାର ବିପର୍ଯ୍ୟୟ ପରିଚାଳନା ନେଇ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଥିଲା। ଆଗୁଆ ପ୍ରସ୍ତୁତ ରହିଲେ ବିପର୍ଯ୍ୟୟର ମୁକାବିଲା ସମ୍ଭବ ହେବ ବୋଲି ଅଧିକାରୀମାନେ କହିଥିଲେ। ଓଡ୍ରାଫ୍ଟ, ଏନଡିଆରଏଫ, ଅଗ୍ନିଶମ ବିଭାଗର ଅଧିକାରୀଙ୍କ ସମେତ କର୍ମଚାରୀ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଏଥିରେ ଅଂଶଗ୍ରହଣ କରିଥିଲେ। ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିଭଳି ଉଦ୍ଧାର କରାଯାଇ ପାରିବ, ସେ ସମ୍ପର୍କିତ କୌଶଳ ପ୍ରଦର୍ଶନ କରାଯାଇଥିଲା। ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଉଦ୍ଧାର କାର୍ଯ୍ୟରେ ବ୍ୟବହୃତ ହେଉଥିବା ବିଭିନ୍ନ ଉପକରଣର କାର୍ଯ୍ୟକ୍ଷମତା ସମ୍ପର୍କରେ ମଧ ଅବଗତ କରା ଯାଇଥିଲା।

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ମକ୍‌ଡ୍ରିଲକୁ ଜିଲାପାଳ ରମେଶ ଚନ୍ଦ୍ର ରାଉତ ଉଦ୍‌ଘାଟନ କରି ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ସାରା ରାଜ୍ୟରେ ମକ୍‌ଡ୍ରିଲ ଆୟୋଜିତ ହୋଇଥିବା କହିଥିଲେ। ବାଲେଶ୍ୱର ଜିଲାର ସମସ୍ତ ବ୍ଲକ ଓ ୧୨୮ ବାତ୍ୟା ବନ୍ୟା ଆଶ୍ରୟସ୍ଥଳୀରେ ଅନୁରୂପ ମକ୍‌ଡ୍ରିଲ କରାଯାଇଥିଲା। ଏନଡିଆରଏଫ ତରଫରୁ ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ପରିଖିରେ, ଓଡ୍ରାଫ ତରଫରୁ ଭୋଗରାଇ ବ୍ଲକ କୀର୍ତ୍ତନିଆରେ ଏବଂ ଅଗ୍ନିଶମ ବିଭାଗ ପକ୍ଷରୁ ସମସ୍ତ ଅଗ୍ନିଶମ କେନ୍ଦ୍ରରେ ଏ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲାସ୍ତରୀୟ ମକ୍‌ଡ୍ରିଲ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସମ୍ବିତ ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ତ୍ରିଲୋଚନ ପ୍ରଧାନ ପ୍ରମୁଖ ଯୋଗ ଦେଇ ଉଦ୍ଧାର ଓ ଥଇଥାନ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ବାଲେଶ୍ୱର ଜିଲା ଜରୁରିକାଳୀନ ଅଧିକାରୀ ଅଭୟ ନାୟକ, ଜିଲା ପ୍ରକଳ୍ପ ସଂଯୋଜକ (ଓସଡ଼ାମା) ଅବନୀକାନ୍ତ ଭୂୟାଁ, ଏନଡିଆରଏଫ ଟିମ୍ କମାଣ୍ଡର, ଓଡ୍ରାଫ ଓ ଅଗ୍ନିଶମ ବିଭାଗୀୟ ଅଧିକାରୀ, କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରଜ ପଲ୍ଲୀ ଜୀବନ ଓ ସଂସ୍କୃତିର ପ୍ରତୀକ

**ଭଦ୍ରକ ଅଫିସ, ୧୯।୬**

ରଜ ପଲ୍ଲୀ ଜୀବନ ଓ ସଂସ୍କୃତିର ପ୍ରତୀକ। ଏହା କୃଷିଭିତ୍ତିକ ପର୍ବ ବୋଲି ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଭଦ୍ରକ ସହରସ୍ଥିତ କଲ୍ୟାଣୀନଗରଠାରେ ଆୟୋଜିତ ଏହି ଆସରରେ ଆଲୋଚ୍ୟ ବିଷୟ ସାମ୍ପ୍ରତିକ ପଲ୍ଲୀ ସାହିତ୍ୟରେ ରଜ ଉତ୍ସବ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଇଂ. ଅଭୟ ସୂତାର ଏଥିରେ ପୌରୋହିତ୍ୟ କରିଥିଲେ। ବିଜୟ କୁମାର ବହଳୀ ବେଦପାଠ କରିଥିଲେ। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଲଲାଟେନ୍ଦୁ ମହାନ୍ତି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ପ୍ରଫେସର ଅଟଳ ବିହାରୀ ନାୟକ ଏବଂ ଅନ୍ୟତମ ଅତିଥି ଭାବେ ଆକାଶବାଣୀର ଗୀତିକାର ପୀତାମ୍ବର ମିଶ୍ର, ପ୍ରାଧ୍ୟାପକ କୈଳାସ ଚନ୍ଦ୍ର ଜେନା, ଅଧ୍ୟାପିକା ଭାନୁମତୀ ମାଟିଆ, ପ୍ରାଧ୍ୟାପକ ଶିବଚରଣ ଖାମୁରାଇ, ଅଧ୍ୟାପକ ନୀହାର ରଞ୍ଜନ କର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପରିଷଦର ସମ୍ପାଦକ ଡା. ଅନିଲ କୁମାର ଦାଶ ସମ୍ପାଦକୀୟ ପାଠ କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ବୈକୁଣ୍ଠ ବିଶ୍ୱାଳ। କବିତା ଆସରରେ କବୟିତ୍ରୀ ଦୀପ୍ତିମୟୀ ସାହୁ ସଂଯୋଜନା କରିଥିଲେ। ଅଧ୍ୟାପିକା ପ୍ରଭାତ ନଳିନୀ ମହାପାତ୍ର, ବସନ୍ତ ମିଶ୍ର, ହରମୋହନ କୁଅଁର, ରମେଶ ଦାସ, ବାବାଜୀ ଚରଣ ମହାନ୍ତି, ରମାକାନ୍ତ ପାଳ, ବିଜୟ କୁମାର ବହଳୀ, ବସନ୍ତ କୁମାର ପାତ୍ର, ଅମିତାବାଳା ଆଚାର୍ଯ୍ୟ, ନାଟ୍ୟଶ୍ରୀ ନିର୍ମଳ ରାଉତ, ସୁବାସିନୀ ପାଣିଗ୍ରାହୀ ପ୍ରମୁଖ କବିତା ପାଠ କରିଥିଲେ।

# ଆଧାର ଫଟୋ ଉଠାରେ ଅବ୍ୟବସ୍ଥା

**ବେତନଟୀ,୧୯।୬ (ଡ଼ି.ଏନ.ଏ)**

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକରେ ଆଧାର ଫଟୋ ଉଠା ବେଳେ ଅବ୍ୟବସ୍ଥାକୁ ନେଇ ସୋମବାର ଉତ୍ତେଜନା ପ୍ରକାଶ ପାଇଥିଲା। ଅବ୍ୟବସ୍ଥାକୁ ବିରୋଧ କରି ଫଟୋ ଉଠାଇବାକୁ ଆସିଥିବା ଜନସାଧାରଣ ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ଫାଟକ ବନ୍ଦ କରି ଧାରଣାରେ ବସିଥିଲେ। ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ବିଡ଼ିଓ ଜଗନ୍ନାଥ ହନୁମାନ ଅଭିଯୋଗକାରୀଙ୍କ ନିକଟକୁ ଆସି ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅଭିଯୋଗ ଅନୁଯାୟୀ ବେତନଟୀ ବ୍ଲକର ୨୪ଟି ପଞ୍ଚାୟତ ପାଇଁ ଗୋଟିଏ ସ୍ଥାନରେ ଫଟୋ ଉଠା ହେଉଥିବାରୁ ବହୁ ହିତାଧିକାରୀ ଏହାର ବିକଳ୍ପ ବ୍ୟବସ୍ଥା ଦାବି କାରିଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ନାମ ଲେଖା ଓ ଆବେଦନ ପାଇଁ ଆଧାର କାର୍ଡ଼ ବାଧ୍ୟତାମୂଳକ କରାଯାଇଥିବାରୁ ବହୁ ଛାତ୍ରୀଛାତ୍ର ଆବେଦନ ଓ ନାମ ଲେଖାରୁ ବଞ୍ଚିତ ହେବେ ବୋଲି ଅଭିଯୋଗ କରିଥିଲେ। ବ୍ଲକ ପରିସରରେ ଆଧାର ଫଟୋ ଉଠା କେନ୍ଦ୍ରରେ ଅବ୍ୟବସ୍ଥା ହେଉଥିବାରୁ ପ୍ରତିକାର ବ୍ୟବସ୍ଥା କରିବାକୁ ଲୋକେ ଦାବି କରିଥିଲେ। ଆଧାର ଫଟୋ ଉଠା ବେଳେ ଅତ୍ୟଧିକ ତ୍ରୁଟି ରହୁଥିବାରୁ କାର୍ଡ଼ ପାଇବାରୁ ହିତାଧିକାରୀ ବଞ୍ଚିତ ହେଉଛନ୍ତି। ବ୍ଲକ ପରିସରରେ ପ୍ରତିଦିନ ଫଟୋ ଉଠା ହେଉଥିଲେ ମଧ ମାତ୍ର ୨୦ରୁ ୩୦ ଜଣଙ୍କ ଫଟୋ ଉଠାଯାଉଛି। ଫଳରେ ଦୀର୍ଘ ସମୟ ଧରି ବହୁ ସଂଖ୍ୟକ ଲୋକ ଲାଇନରେ ଠିଆ ହୋଇ ଫଟୋ ଉଠାଇ ନ ପାରି ଫେରୁଥିବା ଅଭିଯୋଗ କରିଛନ୍ତି।

# ସାଧାରଣ ନିର୍ବାଚନ ସମୀକ୍ଷା

**ଭଦ୍ରକ ଅଫିସ, ୧୯।୬**

ବହୁଜନ ସମାଜ ପାର୍ଟି କେନ୍ଦ୍ର କମିଟିର ନିର୍ଦ୍ଦେଶକ୍ରମେ ରାଜ୍ୟ ଶାଖାର ରାଜ୍ୟ ଓ ସମସ୍ତ ଜିଲା କମିଟି ଭୁବନେଶ୍ୱରସ୍ଥିତ କସ୍ତୁରିବା ନାରୀମହଲଠାରେ ଗତ ୯ ତାରିଖରେ ଭଙ୍ଗ କରାଯାଇଛି। ରାଜ୍ୟ ଶାଖା ଦ୍ୱାରା ଲୋକ ସଭା ଅନୁଯାୟୀ ନୂତନ ଭାବେ ପୁନର୍ଗଠନ କରାଯିବା ପାଇଁ ଯାଜପୁର ଜୋନ୍(ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଲୋକ ସଭା)ର ଭଦ୍ରକ ଲୋକ ସଭା କ୍ଷେତ୍ର ଅଧୀନ ସମସ୍ତ ବିଧାନସଭାର ନେତୃତ୍ୱଙ୍କୁ ନେଇ ସାଧାରଣ ନିର୍ବାଚନର ସମୀକ୍ଷା ବୈଠକ ରବିବାର ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ପ୍ରାର୍ଥୀ ଏବଂ ସେମାନଙ୍କର ନିକଟତମ ସହଯୋଗୀମାନଙ୍କୁ ନେଇ ଏହି ସମୀକ୍ଷା ଓ ଆଗାମୀ ରଣନୀତି ବୈଠକ ଅନୁଷ୍ଠିତ ହୋଇଥିଲା। ଜୋନ୍ ଇନ୍‌ଚାର୍ଜ ଆଡ୍‌ଭୋକେଟ ରଞ୍ଜନ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଯାଜପୁର ଜୋନ୍‌ର ଅନ୍ୟତମ ସହଯୋଗୀ ଆଡ୍‌ଭୋକେଟ ଅର୍ଜୁନ ଚରଣ ମଲ୍ଲିକ ବୈଠକରେ ପୌରୋହିତ୍ୟ କରିଥିଲେ। ପ୍ରାରମ୍ଭରେ ଧାମନଗର ବିଧାନସଭା କ୍ଷେତ୍ରର ଆମ୍ବେଡକରବାଦୀ ଓ ବରିଷ୍ଠ ବହୁଜନ ସମାଜ ପାର୍ଟିର ସ୍ୱର୍ଗତ ସନାତନ ବେହେରାଙ୍କ ଉଦ୍ଦେଶ୍ୟରେ ଶୋକସଭା ପରେ ସଭା ଆରମ୍ଭ ହୋଇଥିଲା। ଭଦ୍ରକ ବିଧାନସଭା ପ୍ରାର୍ଥୀ ସସ୍ମିତା ପାତ୍ର, ବାସୁଦେବପୁରର ପ୍ରାର୍ଥୀ ନିର୍ମଳ ମଲ୍ଲିକ, ଭଣ୍ଡାରିପୋଖରୀର ପ୍ରାର୍ଥୀ ଇଂ. ରାଜୀବ ଲୋଚନ ଜେନା, ସୋର ବିଧାନସଭା ପ୍ରାର୍ଥୀ ମାଧବାନନ୍ଦ ମଲ୍ଲିକ ପ୍ରମୁଖ ସେମାନଙ୍କ ସାଥୀ ସମର୍ଥକମାନଙ୍କ ସହ ବୈଠକରେ ଯୋଗଦେଇଥିଲେ। ଦଳୀୟ ସମର୍ଥକମାନଙ୍କ ମଧ୍ୟରୁ ବରିଷ୍ଠ ସଭ୍ୟ ନବ ଦାସ, ରାଜକିଶୋର ପାତ୍ର, ସେକ୍ ଖଲିନ୍ ରହେମନ୍, ସମର କିଶୋର ବିଶ୍ୱାଳ, ସନାତନ ମୁଣ୍ଡା, ଭାଗବତ ମଲ୍ଲିକ, ସୁରେନ୍ଦ୍ର ମଲ୍ଲିକ, ଅଭୟ ମଲ୍ଲିକ, ଶୁକଦେବ ବାରିକ, ମାନସ ଜେନା, ବିଜୟ ମଲ୍ଲିକ ପ୍ରମୁଖ ଯୋଗଦେଇ ଦଳର ପରାଜୟ ଓ ସାଂଗଠନିକ ବୃଦ୍ଧି ନେଇ ଆଲୋଚନା କରିଥିଲେ। ବୈଠକରେ ବାମସେଫ୍ ଓ ବହୁଜନ ସମାଜ ପାର୍ଟିର ଏକ ସମନ୍ୱୟ କମିଟି ଗଠନ କରାଯାଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ କିମ୍ବା ନିକଟସ୍ଥ ପ୍ରତିନିଧିଙ୍କ ସହ ଯୋଗାଯୋଗ କରନ୍ତୁ।

# କାଳିମା ତଳସାହିରେ ପାନୀୟ ଜଳାଭାବ

**ତେଲକୋଇ, ୧୯।୬(ଡି.ଏନ.ଏ.)**

ତେଲକୋଇ ବ୍ଲକ ସିରିଗିଡା ପଞ୍ଚାୟତ କାଳିମା ତଳସାହିରେ ପାନୀୟଜଳ ସମସ୍ୟା ବୃଦ୍ଧି ପାଇଛି। ଉକ୍ତ ଗ୍ରାମରେ ପାନୀୟଜଳ ପାଇଁ ଗୋଟିଏ ନଳକୂପ ସାହା ଭରସା ପାଲିଟିଛି। ଗ୍ରାମରେ ୪୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। କୂଅ ପୋଖରୀ ଶୁଖିଲା ହୋଇପଡିଛି । ପାନୀୟଜଳ ଗାଧୋଇବା ଓ ଗୃହପାଳିତ ପଶୁଙ୍କ ପାଇଁ ଏହି ନଳକୂପରୁ ଲମ୍ବା ଲାଇନ ଲଗାଇ ପାନୀୟଜଳ ସଂଗ୍ରହ କରିବାକୁ ପ୍ରତିଯୋଗିତା ଚାଲିଛି । ଏହି ନଳକୂପରୁ ପର୍ଯ୍ୟାପ୍ତ ପାଣି ବାହାରୁ ନ ଥିବା ଯୋଗୁଁ ଲୋକଙ୍କୁ ହୀନସ୍ତା ହେବା ଅଭିଯୋଗ ହୋଇଛି। ଏପରିସ୍ଥଳେ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚଙ୍କୁ ପାନୀୟଜଳ ଯୋଗାଣ ପାଇଁ ଦାବି କରିଛନ୍ତି। ସରପଞ୍ଚ ଜିଙ୍ଗପାଟ ପିଙ୍ଗୁଆ ଏନେଇ ଗ୍ରାମ ସେବକଙ୍କୁ ଚିଠି କରି ତୁରନ୍ତ ଜଳ ଯୋଗାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ ହେଁ ଏହା କାର୍ଯ୍ୟକାରୀ ହୋଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସରପଙ୍କ କହିବାନୁଯାୟୀ ପଞ୍ଚାୟତ ପକ୍ଷରୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଛି ।

# ମକ୍‌ଡ୍ରିଲ ସାଙ୍ଗକୁ ଉଦ୍ଧାର କୌଶଳ ପ୍ରଦର୍ଶନ

**ଭଦ୍ରକ ଅଫିସ, ୧୯।୬**

ଭଦ୍ରକ ଜିଲାରେ ଆଗାମୀ ସମ୍ଭାବ୍ୟ ବନ୍ୟା ଓ ବାତ୍ୟାର ମୁକାବିଲା ନିମନ୍ତେ ବ୍ଲକ ମୁଖ୍ୟାଳୟ, ବାତ୍ୟା ଆଶ୍ରୟସ୍ଥଳୀ ଓ ଜିଲା ମୁଖ୍ୟାଳୟରେ ବୁଧବାର ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ଜରୁରିକାଳୀନ ଅଧିକାରୀ ଜୟଶ୍ରୀ ସେନାପତି ଅଧକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଜିଲା ପ୍ରକଳ୍ପ ଅଧିକାରୀ ମଧୁସୂଦନ ମିଶ୍ର, ଭାରପ୍ରାପ୍ତ ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ବିପର୍ଯ୍ୟୟ ସମୟରେ କିଭଳି ଧନଜୀବନ ସୁରକ୍ଷିତ ରହିପାରିବ ସେନେଇ ଉପସ୍ଥିତ କର୍ମଚାରୀ, ସ୍ୱେଚ୍ଛାସେବୀ ସଙ୍ଗଠନ କର୍ମକର୍ତ୍ତାଙ୍କୁ ସଚେତନ କରାଇଥିଲେ। ଭଦ୍ରକ ଅଗ୍ନିଶମ କର୍ମଚାରୀମାନଙ୍କ ଦ୍ୱାରା ବିପର୍ଯ୍ୟୟ ବେଳେ କିଭଳି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ତାହାର ଡେମୋ ଦେଖାଯାଇଥିଲା। ଏହାସହ କିଭଳି ଉଚ୍ଚ ଅଟ୍ଟାଳିକାରୁ ଲୋକଙ୍କୁ ଉଦ୍ଧାର କରାଯିବ ତାହାର ମକ୍‌ଡ୍ରିଲ ପ୍ରଦର୍ଶନ କରାଯାଇଥିଲା।

### ବାସୁଦେବପୁର

ବାସୁଦେବପୁର ବ୍ଲକ ଅଧୀନ ୩୭ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ମକ୍‌ଡ୍ରିଲ କରାଯାଇଥିଲା। ବିଡିଓ ବୀରକିଶୋର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳରେ ମକ୍‌ଡ୍ରିଲକୁ ବ୍ଲକ କର୍ତ୍ତୃପକ୍ଷ, କର୍ମଚାରୀମାନେ ତଦାରଖ କରିଥିଲେ। ତେବେ ଚଳିତବର୍ଷ ମକ୍‌ଡ୍ରିଲ ପୂର୍ବରୁ ବ୍ଲକ ପ୍ରଶାସନ ପ୍ରସ୍ତୁତି ବୈଠକ କରି ନ ଥିବା ଜଣାପଡ଼ିଛି। ଆବଶ୍ୟକ ତଦାରଖ ଅଭାବ ଓ ମକ୍‌ଡ୍ରିଲ ପ୍ରତି ପୂର୍ବରୁ ଗୁରୁତ୍ୱ ଦିଆଯାଇ ନ ଥିବାରୁ ଏହାର ସୁଯୋଗରେ କେତେକ ବାତ୍ୟା ଆଶ୍ରୟସ୍ଥଳରେ ନାମକୁ ମାତ୍ର ମକ୍‌ଡ୍ରିଲ କରାଯାଇ କେବଳ ଭୋଜିଭାତ, ଜଳଖିଆରେ ଏହି କାର୍ଯ୍ୟକ୍ରମ ସୀମିତ ରହିଥିବା ଦେଖିବାକୁ ମିଳିଥିଲା।

### ଭଣ୍ଡାରିପୋଖରୀ

ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ମକ୍‌ଡ୍ରିଲ ସାଙ୍ଗକୁ ସଚେତନତା ସଭା କରାଯାଇଥିଲା। ବ୍ଲକ କାର୍ଯ୍ୟାଳୟ ପରିସରରେ ସ୍ଥାନୀୟ ଅଗ୍ନିଶମ ଅଧିକାରୀ ରମାକାନ୍ତ ମଲ୍ଲିକଙ୍କ ନେତୃତ୍ୱରେ ବିଡିଓ ବନମାଳି ତରାଇ, ବରିଷ୍ଠ କିରାଣି ଗୌରାଙ୍ଗ ପ୍ରଧାନ ଓ ବ୍ଲକର ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଥିଲା। ମଣିନାଥପୁର, ଜଳହରୀ, ବନ୍ଦାଳ ମଢିଆଳୀ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ ପ୍ରଦର୍ଶନ କରାଯାଇଥିଲା। ମଣିନାଥପୁର ବାତ୍ୟା ଆଶ୍ରୟସ୍ଥଳୀରେ



ଭଣ୍ଡାରିପୋଖରୀରେ ଅଗ୍ନିକାଣ୍ଡ ଘଟିଲେ କିଭଳି ନିୟନ୍ତ୍ରଣ କରାଯିବ ସେନେଇ ସଚେତନ କରାଯାଉଛି।

ଟ୍ରେନର ସହସମ୍ପାଦକ ନାରାୟଣ ଦାସ, ସରପଞ୍ଚ ଭାଗ୍ୟଶ୍ରୀ ଯେନା, ବିଦ୍ୟାଧର ଜେନା, ପ୍ରଫୁଲ୍ଲ ନାୟକ, ରାମଚନ୍ଦ୍ର ନାୟକ, ବିଜୟାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଜଳହରୀଠାରେ ସମ୍ପାଦକ ମୋହନ ରାଏ, ଏମ୍‌ଆଇ ରେବତୀ ସିଂ, କନିଷ୍ଠଯନ୍ତ୍ରୀ ଜଗନ୍ନାଥ ବାରିକ, ଜିପିଓ ଶର୍ମିଷ୍ଠା ମଲ୍ଲିକ ଉପସ୍ଥିତ ଥିଲେ। ବନ୍ଦାଳ ମଢିଆଳି ବାତ୍ୟା ଆଶ୍ରୟସ୍ଥଳୀରେ ସମ୍ପାଦକ ପ୍ରଦୀପ କୁମାର ଜେନାଙ୍କ ସଭାପତିତ୍ୱରେ ସଚେତନତା ସଭା ହୋଇଥିଲା। ସରପଞ୍ଚ ପ୍ରମିଳା ସାହୁ, ମୀନକେତନ ବାରିକ ପ୍ରମୁଖ ଯୋଗ ଦେଇଥିଲେ।

### ତିହିଡ଼ି

ତିହିଡ଼ି ବ୍ଲକର ଦହପାଣିଆ, ସୟା, ଗୋବିନ୍ଦପୁର, ଶ୍ୟାମସୁନ୍ଦରପୁର, ବାରସର, କାଁପଡ଼ା ଓ ବାହାବଳପୁରସ୍ଥିତ ବାତ୍ୟା ଆଶ୍ରୟସ୍ଥଳରେ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟ, ଦୁର୍ଘଟଣା ସମୟରେ ଆତ୍ମରକ୍ଷା କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ତିହିଡ଼ି ଅଗ୍ନିଶମ ବିଭାଗର କର୍ମଚାରୀମାନେ ଏହି କୌଶଳ ପ୍ରଦର୍ଶନ କରିଥିଲେ। ଅଗ୍ନିଶମ ଅଧିକାରୀ ଆଲୋକଦେବ ଗୋସ୍ୱାମୀଙ୍କ ନେତୃତ୍ୱରେ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ସାମାଜିକ କର୍ମୀ ରଞ୍ଜୁଲତା ଗାହାଣଙ୍କ ସମେତ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ ସଭାପତି ଓ ସମ୍ପାଦକ, ଗ୍ରାମବାସୀ ଉପସ୍ଥିତ ଥିଲେ।

